
ଧରିତ୍ରୀ
DHARITRI
November 19-25, 2023 ₹ 2/-

# ଛୁଟିଦିନ



## ସାହାରାର ହାତ

ନା ଅଛି ମା'ର ପଣତ,
ନା ମୁଣ୍ଡ ଉପରେ ବାପାଙ୍କ ହାତ। ତଥାପି
ବଞ୍ଚିବା ପାଇଁ ପ୍ରତିମୁହୂର୍ତ୍ତରେ ସଂଘର୍ଷ
କରିଚାଲିଛନ୍ତି ଏଇ କୁନି ପିଲାମାନେ। ଆଉ
ଏହି ମା' ବାପାଛେଉଣ୍ଡ ପିଲାଙ୍କୁ ଏକାଛାଡ଼ି
ନ ଦେଇ ତାଙ୍କୁ ସାହାରାର
ହାତ ବଢ଼ାଇଛନ୍ତି କିଛି ଦରଦୀ ମଣିଷ ...

ପ୍ରଚ୍ଛଦ ପ୍ରସଙ୍ଗ
୪

## ବାସ୍ତୁଦୋଷ ଦୂର ପାଇଁ

**ଅନେକେ ବିଶ୍ୱାସ କରନ୍ତି, ଘରେ କୌଣସି ବାସ୍ତୁଦୋଷ ଥିଲେ ବହୁ ପ୍ରକାରର ଅଶାନ୍ତି ଉପୁଜିଥାଏ। ତେଣୁ ଏହି ବାସ୍ତୁଦୋଷକୁ ସହଜରେ କିପରି ଦୂର କରିହେବ ସେ ନେଇ ବାସ୍ତୁଶାସ୍ତ୍ରରେ ରହିଛି କିଛିଟା ପ୍ରତିକାରର ଉପାୟ...**

✲ ଘରର ବାସ୍ତୁଦୋଷ ଦୂର କରିବାକୁ ଐଶାନ୍ୟ କୋଣରେ କଳସ ସ୍ଥାପନ କରିପାରିବେ। କୁହାଯାଏ, କଳସ ହେଉଛନ୍ତି ବିଘ୍ନ ବିନାଶକ ପ୍ରଭୁ ଗଣେଶଙ୍କର ଏକ ସ୍ୱରୂପ। ତେଣୁ କଳସ ସ୍ଥାପନ କଲେ କ୍ରମେ ଘରର ପରିସ୍ଥିତିରେ ଅନେକ ସୁଧାର ଆସିଥାଏ ବୋଲି ବିଶ୍ୱାସ ରହିଛି।



✲ ଘରର ମୁଖ୍ୟ ଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରିବା ମଧ୍ୟ ଶୁଭଫଳ ଦେଇଥାଏ। ଧ୍ୟାନ ରଖିବେ ଏହି ସ୍ୱସ୍ତିକ ଚିହ୍ନ ଯେପରି ୯ ଆଙ୍ଗୁଳି ଲମ୍ବା ଓ ୯ ଆଙ୍ଗୁଳି ଚଉଡ଼ା ହେଉଥିବ। କୁହାଯାଏ, ଏହି ଚିହ୍ନର ପ୍ରଭାବରେ ଘରୁ ନକାରାତ୍ମକ ଉର୍ଜା ହ୍ରାସ ହୋଇଥାଏ।

✲ ବାସ୍ତୁଶାସ୍ତ୍ରରେ ଘୋଡ଼ା ନାଳର ବି ଅନେକ ଗୁରୁତ୍ୱ ରହିଛି। କୁହାଯାଏ, ଏହି ନାଳକୁ ଘରର ମୁଖ୍ୟଦ୍ୱାର ନିକଟରେ ଟଙ୍ଗାଇଲେ ବାସ୍ତୁଦୋଷ ଦୂର ହେବା ସହ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ।

✲ ଘରର ମୁଖ୍ୟଦ୍ୱାର ଯଦି ଦକ୍ଷିଣମୁହାଁ ହୋଇଥାଏ, ତା'ହେଲେ ପ୍ରବେଶ ଦ୍ୱାର ନିକଟରେ ପଞ୍ଚମୁଖୀ ହନୁମାନଙ୍କର ଫଟୋ ଲଗାଇବା ଶୁଭ ହୋଇଥାଏ। ଏହାଛଡ଼ା ପଞ୍ଚଧାତୁରେ ତିଆରି ପିରାମିଡ୍‌କୁ ବି ମୁଖ୍ୟଦ୍ୱାର ନିକଟରେ ରଖିଲେ ଶୁଭଫଳ ମିଳିଥାଏ।

✲ ଘରର ପଶ୍ଚିମ କିମ୍ବା ଉତ୍ତର-ପଶ୍ଚିମ କୋଣରେ ଝାଡୁ ରଖିପାରିବେ। ହେଲେ ଉତ୍ତର-ପୂର୍ବ/ ଦକ୍ଷିଣ-ପୂର୍ବ/ ପୂଜାଘରେ ଝାଡୁ ରଖିବା ଶୁଭ ନୁହେଁ। ଏହା ବାସ୍ତୁଦୋଷକୁ ଡାକି ଆଣିଥାଏ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

**ନଭେମ୍ବର ୧୯-୨୫**

**ମେଷ:** କର୍ମକ୍ଷେତ୍ରରେ ପ୍ରତିବନ୍ଧକ, ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ, ଲକ୍ଷ୍ୟ ହାସଲ କରିବେ, ବ୍ୟବସାୟିକ ସଫଳତା, ଲାଭାଂଶ ବଢ଼ିପାରେ, ନିଷ୍ପତ୍ତି ବଦଳାଇବେ, ଅର୍ଥ ସାହାଯ୍ୟ ପାଇବେ, ସ୍ତ୍ରୀ-ସ୍ୱାମୀଙ୍କ ମତାନ୍ତର, ନୂତନ ବନ୍ଧୁ ସମ୍ପର୍କ, ସ୍ୱର୍ଣ୍ଣାଳଙ୍କାର କ୍ରୟ, ସନ୍ତାନଙ୍କ କୃତିତ୍ୱ।

**ବୃଷ:** କର୍ମକ୍ଷେତ୍ରରେ ପ୍ରାଧାନ୍ୟତା, ରୋଗପୀଡ଼ା ଉପଶମ ହେବ, ଦୈହିକ ସୁସ୍ଥତା ବୃଦ୍ଧି, ବନ୍ଧୁମାନଙ୍କ ସହଯୋଗ, ନୀଚ ସଂସର୍ଗରୁ ସମାଲୋଚନା, କାର୍ଯ୍ୟାରମ୍ଭରେ ସହଯୋଗ, କଳାରେ ସମ୍ମାନ ମିଳିବ।

**ମିଥୁନ:** ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି, ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଦୁଃଖ ଦେବ, ବୁଝାମଣା ଠିକ୍ ରହିବନି, ଜମିଜମା ବିବାଦ, ଯାତ୍ରାରେ କଳହ, ବ୍ୟବସାୟରେ କ୍ଷତି, ସମ୍ପର୍କହାନିରୁ ଅନୁତାପ, ପ୍ରଶାସନିକ ସାହାଯ୍ୟ।

**କର୍କଟ:** ମାନସିକ ଦ୍ୱନ୍ଦ୍ୱ, ବନ୍ଧୁଙ୍କୁ ଆପଣାର କରିବେ, ଆଶା ପୁଣି କଅଁଳି ଉଠିବ, ପ୍ରତିଯୋଗିତାରେ ସଫଳତା, ଗୋଡ଼ରେ ଆଘାତ ଲାଗିପାରେ, ଆମଦାନୀ କାରବାର ବୃଦ୍ଧି, ସଙ୍ଗୀତ ସାଧନାରେ ରୁଚି।

**ସିଂହ:** ବନ୍ଧୁସମ୍ପର୍କ ବଢ଼ିବ, ପଡ଼ୋଶୀଙ୍କ ସାହାଯ୍ୟ ପ୍ରତିଶ୍ରୁତି, ପାରିପାର୍ଶ୍ୱିକ ସ୍ଥିତି ଭଲରହିବ, ନୂଆ ଯୋଜନା କରିବେ, ଅର୍ଥନୈତିକ ଅଭିବୃଦ୍ଧି, ଋଣ ପରିଶୋଧ କରିବେ, ବିବାହ ପ୍ରସ୍ତାବ ଆସିବ, ପ୍ରଶାସନିକ ଆଲୋଚନା, ଶିଳ୍ପ ବାଣିଜ୍ୟରେ ଉନ୍ନତି।

**କନ୍ୟା:** ଆକସ୍ମିକ କଳହ, ବନ୍ଧୁ ପ୍ରତି ସତର୍କ ରୁହନ୍ତୁ, ବିଳମ୍ବରେ ସଫଳତା ପାଇବେ, ସମାଲୋଚିତ ହେବେ, ତରବରିଆ ଯାତ୍ରା, ଦୃଢ଼ ପଦକ୍ଷେପ ନେବେ, ହଇରାଣ ହୋଇପାରନ୍ତି, ତୀର୍ଥାଟନର ସୁଯୋଗ, ସ୍ଥଗିତ କାର୍ଯ୍ୟସିଦ୍ଧି, ବ୍ୟବସାୟିକ ସଫଳତା, ସାଂସ୍କୃତିକ କାର୍ଯ୍ୟକ୍ରମ।

**ତୁଳା:** ସୁସମ୍ପର୍କ ବ୍ୟାହତ ହେବ, ବନ୍ଧୁଙ୍କ ସହାନୁଭୂତି, ସଫଳତା ହାସଲ କରିବେ, ବିଭିନ୍ନ ସୂତ୍ରରୁ ରୋଜଗାର, ବ୍ୟବସାୟ ସଙ୍କୁଚିତ ହେବ, ସହକର୍ମୀ ଓଲଟା କଥା କହିବେ, ଅପଦସ୍ଥ ହୋଇପାରନ୍ତି, ଘର ସାଜସଜ୍ଜାରେ ବ୍ୟସ୍ତତା, ଶୁଭଖବର ପାଇବେ, ଯାନ୍ତ୍ରିକ ଜିନିଷ କ୍ରୟ।

**ବିଛା:** ଆତ୍ମବିଶ୍ୱାସ ହରାଇବେ, ନୂତନ କର୍ମାରମ୍ଭ, କ୍ଷତିରେ ପଡ଼ିପାରନ୍ତି, ନୂତନ ମିତ୍ରତା, ବ୍ୟବସାୟରୁ ଲାଭବାନ, ସାମୟିକ ଆଶ୍ୱସ୍ତି, ଅପ୍ରିୟକଥାରୁ କଳହ, ଯାତ୍ରା ସ୍ଥଗିତ ରହିପାରେ, ପୈତୃକ ସମ୍ପତ୍ତିରେ ଟଣାଓଟରା, ବିଦେଶଯାତ୍ରାର ସୁଯୋଗ।

**ଧନୁ:** ବିଳମ୍ବରେ କାର୍ଯ୍ୟସିଦ୍ଧି, ପରିସ୍ଥିତିର ଜଟିଳତା, ରାଜକୀୟ ସମ୍ମାନ ପ୍ରାପ୍ତି, ସ୍ତ୍ରୀଙ୍କ ପ୍ରେରଣାରୁ ଉପକାର, ବନ୍ଧୁଙ୍କ ସହଯୋଗ, ସମସ୍ୟାକୁ ସୁଧାରି ନେବେ, ଅନିଚ୍ଛାକୃତ ଖର୍ଚ୍ଚ କରିବେ, ଦ୍ୱନ୍ଦ୍ୱର ଅବସାନ ଘଟିବ, ସନ୍ତାନଙ୍କ ବିଶୃଙ୍ଖଳା, କ୍ରନିକ ରୋଗରେ ପୀଡ଼ା, ବ୍ୟବସାୟିକ ସମସ୍ୟା।

**ମକର:** ବିଷାଦଗ୍ରସ୍ତ ହେବେ, ମନମାରି ରହିପାରନ୍ତି, ପୁରୁଣା କଥାର ଅନୁଚିନ୍ତା, ଭାବପ୍ରବଣତା ବଢ଼ିବ, ମନୋରଞ୍ଜନ ଜିନିଷ କ୍ରୟ, କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ, ନିଜ ପରିସରରେ ପ୍ରତିଷ୍ଠା, ବସ୍ତ୍ର ଭୂଷଣ ପ୍ରାପ୍ତି ଯୋଗ, ନୂତନ ଗୃହାରମ୍ଭ, ସୀମାବିବାଦ ଦେଖାଦେବ, ଆଇନ ସହାୟତା ପ୍ରାପ୍ତି।

**କୁମ୍ଭ:** ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବ, ଲକ୍ଷ୍ୟହୀନ ଯାତ୍ରା କରିପାରନ୍ତି, କାମକୁ ତ୍ୱରାନ୍ୱିତ କରିବେ, ବନ୍ଧୁଙ୍କ ସହ ମନୋମାଳିନ୍ୟ, ସୌଖୀନ ଦ୍ରବ୍ୟ କ୍ରୟ କରିବେ, ଦ୍ରବ୍ୟ ନଷ୍ଟ ହୋଇପାରେ, କ୍ରୀଡ଼ା ଚଳଚ୍ଚିତ୍ରରେ ସଫଳତା, ଯୋଗ ସାଧନାରେ ରୁଚି, ନୂତନ ସମ୍ପର୍କ ସୃଷ୍ଟି, ପରିବହନରେ ବିବାଦ।

**ମୀନ:** ଯୋଜନା କାର୍ଯ୍ୟକାରୀ କରିବେ, ଆର୍ଥିକ ଅନଟନ ଦେଖାଦେବ, ଶତ୍ରୁମାନେ ଦୋଷ ଖୋଜି ବୁଲିବେ, ଦୁଶ୍ଚିନ୍ତାର ମାତ୍ରା ବଢ଼ିଯିବ, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା, ପାରିବାରିକ ସୁବୁଝାମଣା, ତିକ୍ତତାର ପରିସମାପ୍ତି, ଆଶା ପୂରଣ ହେବ, ନିର୍ମାଣାଧୀନ କାର୍ଯ୍ୟାରମ୍ଭ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା।

# ଭୟଙ୍କର ସ୍ୱପ୍ନ ଦେଖୁଥିଲେ

ନିଦରେ ସ୍ୱପ୍ନ ଦେଖିବା ସାଧାରଣ କଥା। କିନ୍ତୁ ବେଳେବେଳେ ନିଦରେ ଏମିତି କିଛି ସ୍ୱପ୍ନ ଦେଖିଥାଉ, ଯାହା ଖୁବ୍ ଭୟଙ୍କର ହୋଇଥାଏ। ନିଦ ଭାଙ୍ଗିଲା ପରେ ବି ଡର ଡର ଲାଗେ। ଏମିତି ପରିସ୍ଥିତିରୁ ରକ୍ଷା ପାଇବା ପାଇଁ ସ୍ୱପ୍ନଶାସ୍ତ୍ରରେ କିଛିଟା ଉପାୟ ରହିଛି। ଯେମିତିକି- ରାତିରେ ଶୋଇବା ସମୟରେ ଶେଯ ନିକଟରେ ତମ୍ବାପାତ୍ର ହେଉ ଅବା ତମ୍ବାର କୌଣସି ଶୋ' ପିସ୍ ରଖିଲେ ଦୁଃସ୍ୱପ୍ନ ଆସେ ନାହିଁ ବୋଲି ବିଶ୍ୱାସ ରହିଛି। ତେବେ ଧ୍ୟାନ ଦେବେ ତମ୍ବାପାତ୍ର ଶୁଖିଲା ହୋଇଥିବା ଦରକାର। ସେଥିରେ ଆଦୌ ପାଣି ରଖିବେ ନାହିଁ। ସେହିପରି ଯଦି ଛୋଟପିଲା ବି ରାତିରେ ଶୋଇଲାବେଳେ ଡରୁଥାନ୍ତି, ତା'ହେଲେ ତାଙ୍କ ବେକରେ ହେଉ ଅବା ଅଣ୍ଟାରେ ତମ୍ବା ପଇସା ବାନ୍ଧିଲେ ଅନେକ ଉପକାର ମିଳେ। ଅନ୍ୟପକ୍ଷେ ଶେଯ ନିକଟରେ ସେରାମିକ୍‌ର ଶୋ' ପିସ୍ ହେଉ ଅବା ଜେମ୍ସ ଟ୍ରି ରଖିଲେ ଅଥବା କପଡ଼ାରେ ଛୋଟ ଖଣ୍ଡେ ଫିଟିକିରି ଗୁଡ଼ାଇ ରଖିଲେ ମଧ୍ୟ ଖରାପ ସ୍ୱପ୍ନ ଦେଖିବା କିମ୍ବା ଶୋଇଲାବେଳେ ଡରିବା ଧୀରେ ଧୀରେ କମିଯାଏ ବୋଲି ମାନ୍ୟତା ରହିଛି। ଏହାସବୁ କେବଳ ଲୋକବିଶ୍ୱାସର କଥା।



# ପାଠକୀୟ

✲ ଜନ୍ମରୁ ଏମାନେ ଦିବ୍ୟାଙ୍ଗ ନ ଥିଲେ। ଭାଗ୍ୟର ବିଡ଼ମ୍ବନା ଏମାନଙ୍କୁ ହଠାତ୍ ଦିବ୍ୟାଙ୍ଗ ସଜେଇଦେଲା। ତଥାପି ଏମାନେ ନିଜର ସ୍ୱପ୍ନକୁ ପୂରା କରିବାକୁ ମନ ଦୃଢ଼କଲେ। କଠିନ ଅଧ୍ୟବସାୟ ଓ କିଛି କରି ଦେଖାଇବାର ଜିଦ୍ ଯୋଗୁ ଅସମ୍ଭବ ଲାଗୁଥିବା କାର୍ଯ୍ୟକୁ ଏମାନେ ସମ୍ଭବ କରି ଦେଖାଇଦେଲେ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା ହୋଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଇଚ୍ଛା ଥିଲେ ଅସମ୍ଭବ ବି ସମ୍ଭବ' ଏକ ନିଆରା ଆଲେଖ୍ୟ ଥିଲା। 'ଘରେ ପକ୍ଷୀଙ୍କ ଫଟୋ ଲଗାଉଥିଲେ', 'ରୋଷେଇ ଘରର ଔଷଧ' ଆଦି ପାଠରୁ ବହୁ ଅଜଣା କଥା ଜାଣିହେଲା।

***– ଅବିନାଶ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ***

✲ ଉକ୍ତ ସଂଖ୍ୟାର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗ 'ଇଚ୍ଛା ଥିଲେ ଅସମ୍ଭବ ବି ସମ୍ଭବ' ଏକ ପ୍ରେରଣାଦାୟୀ ଆଲେଖ୍ୟ ଥିଲା। 'ସୁନା ହେଲେ ବି ନୁହେଁ ଦରକାରୀ' ପାଠଟି ବି ଆଶ୍ଚର୍ଯ୍ୟକର ଲାଗୁଥିଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ଓଡ଼ିଶୀ ନୃତ୍ୟଶିଳ୍ପୀ ମାହେଶ୍ୱରୀ ପ୍ରଧାନଙ୍କ ଜୀବନୀ ସମ୍ପର୍କରେ ବହୁ ଅଜଣା କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସୃଜନ ପୃଷ୍ଠାରେ ସ୍ଥାନିତ 'ପିଠା' ଶୀର୍ଷକ ଗପଟି ମନଛୁଆଁ ଥିଲା। ***– ସଂଯୁକ୍ତା ସାହୁ, ଜଟଣୀ, ଖୋର୍ଦ୍ଧା***

✲ ସିନେମା ପୃଷ୍ଠାଟି ବେଶ୍ ଆକର୍ଷଣୀୟ ଲାଗୁଥିଲା। ଖାସ୍‌କରି ଏଥିରେ ସ୍ଥାନିତ 'ଡରକୁଳୀ ଦିଶା', 'ଦୃଢମନା କଙ୍ଗନା', 'ରାଜୀବରୁ ଅକ୍ଷୟ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ମଜାଦାର୍ ଥିଲା। କବି ଓ ପ୍ରଶାସନିକ ଅଧିକାରୀ ତ୍ରିଲୋଚନ ମହାନ୍ତିଙ୍କ ପ୍ରଥମ ରୋଜଗାରର ଅନୁଭୂତିଟି ଖୁବ୍ ମନଛୁଆଁ ହୋଇଥିଲା। 'ପରମ୍ପରାରେ ଝୋଟି, ଚିତା ଓ ମୁରୁଜ' ଶୀର୍ଷକ ପାଠଟି ବି ବେଶ୍ ଶିକ୍ଷଣୀୟ ହୋଇଥିଲା।

***– ଅଜିତ୍ ବେହେରା, ସୁନ୍ଦରଗଡ଼***

✲ ମଡେଲ୍ ମିରର୍‌ରେ ଶିବାନୀ ବେଶ୍ ସୁନ୍ଦରୀ ଲାଗୁଥିଲେ। ବିବିଧା ପୃଷ୍ଠାରେ ସ୍ଥାନିତ 'ହାଇ ଆସେ କାହିଁକି' ଶୀର୍ଷକ ଲେଖାଟିରୁ ବହୁ ଅଜଣା କଥା ଜାଣିହେଲା। 'ମୋଟା ବେକ' ଶୀର୍ଷକ ଲେଖାଟି ବି ଆଶ୍ଚର୍ଯ୍ୟକର ଥିଲା। ଏଥରର ବ୍ୟଙ୍ଗ 'ତେଲମରା ଉପାଖ୍ୟାନ' ଶୀର୍ଷକ ଲେଖାଟିରୁ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିହେଲା। ସହର ପୃଷ୍ଠାରୁ 'ମୁକ୍ତେଶ୍ୱର ଧାମ' ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା।

***– ଜିତେନ୍ଦ୍ର ସାହୁ, ସମ୍ବଲପୁର***

✲ ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଷ୍ଟ୍ର ବୟ', 'ଅଲ୍‌ଟ୍ରା ରିୟାଲିଷ୍ଟିକ୍ ନେଲ୍ ଆର୍ଟ', 'ଚେହେରାରେ ସୁଡ଼ଙ୍ଗ' ଆଦି ପାଠଗୁଡ଼ିକର ଉପସ୍ଥାପନା ଶୈଳୀ ଆଶ୍ଚର୍ଯ୍ୟକର ଥିଲା। କହିବାକୁ ଗଲେ ଛୁଟିଦିନର ପ୍ରତ୍ୟେକଟି ପୃଷ୍ଠା ବେଶ୍ ନିଆରା ହୋଇଥିଲା। ***– ଶିବସୁନ୍ଦର ଦାଶ, ରାୟଗଡ଼ା***

## ବିଶେଷ ଚିଠି




ଇଚ୍ଛା ଥିଲେ ଅସମ୍ଭବ ବି ସମ୍ଭବ
ହୋଇଥିଲା ଭାରି ନିଆରା,
କରୁଥିଲା କିମିଆ ସଭିଙ୍କୁ
ଦେଉଥିଲା ନୂଆ ଇସାରା।
ପ୍ରଚ୍ଛଦ ବ୍ୟତୀତ ସହରଠୁ ଦୂର
ସିନେମା, ସାଥୀ ଓ ସୃଜନ
ତା'ସାଙ୍ଗକୁ ପୁଣି ବିବିଧାର ଲେଖାମାନ
ଦେଉଥିଲା ଆମକୁ ନୂଆ ନୂଆ ଜ୍ଞାନ।

***– ତନୁଜା ସେଠୀ,***
***ରସୁଲଗଡ଼, ଭୁବନେଶ୍ୱର***

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of
Navajat Printers & Media Pvt. Ltd. and printed at Navajat Printers, B-15,
Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ସୁପରମ୍ୟାନ୍



**ସବୁ ମଣିଷ ଭିତରେ କିଛି ନା କିଛି ବିଶେଷତ୍ୱ ଥାଏ। ନିଜ ଭିତରର ଏହି ବିଶେଷତ୍ୱକୁ ଯିଏ ଚିହ୍ନି ତାର ସଦୁପଯୋଗ କରିପାରେ ସେ ହିଁ ନିଜର ଭିନ୍ନ ପରିଚୟ ସୃଷ୍ଟି କରିପାରେ। ଏଠାରେ ସେଇଭଳି କେତେଜଣ ବ୍ୟକ୍ତିଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଇଛି ଯେଉଁମାନେ ନିଜର ଅନ୍ତର୍ନିହିତ ଶକ୍ତି ଓ ଗୁଣକୁ ଚିହ୍ନି ନିଜକୁ ସ୍ୱତନ୍ତ୍ର କରି ଗଢିଛନ୍ତି ...**

**ଇଲେକ୍ଟ୍ରିମ୍ୟାନ୍ ରାଜମୋହନ:** ସେ ଦେଖିବାକୁ ଜଣେ ସାଧାରଣ ମଣିଷ ଭଳି। ହେଲେ ତାଙ୍କ ଶରୀର ଦେଇ ପ୍ରବାହିତ ହୋଇପାରେ ବିଜୁଳି। ଅର୍ଥାତ୍ ବିଜୁଳିର ତାର ତାଙ୍କ ଶରୀରରେ ଲଗାଇଲେ ଡ୍ରିଲ ମେସିନ୍, ଗ୍ରାଇଣ୍ଡର ଚାଲେ, ବିଦ୍ୟୁତ ବଲ୍‌ବ ବି ଜଳିଥାଏ। ସେଇଥିପାଇଁ ତ ସେ ଭାରତର ଇଲେକ୍ଟ୍ରିମ୍ୟାନ୍ ଭାବେ ପରିଚିତ। କେରଳର କୋଲମରେ ରହୁଥିବା ଏହି ବ୍ୟକ୍ତିଙ୍କ ନାଁ ହେଉଛି **ରାଜମୋହନ ନାୟର।** ଯେବେ ସେ ଖୋଲା ବିଦ୍ୟୁତ ତାରକୁ ହାତରେ ଧରି ଟେଷ୍ଟରରେ ଚେକ୍ କରନ୍ତି। ଟେଷ୍ଟର ଜଳି ଉଠେ। ଅର୍ଥାତ୍ ତାଙ୍କ ଶରୀର ମଧ୍ୟ ଦେଇ ବିଦ୍ୟୁତ ପ୍ରବାହିତ ହୁଏ କିନ୍ତୁ ଏହାଦ୍ୱାରା ତାଙ୍କ ଶରୀରର କୌଣସି କ୍ଷତି ହୋଇ ନଥାଏ। ତେବେ ଏଭଳି ଆଶ୍ଚର୍ଯ୍ୟକର ଘଟଣା ତାଙ୍କ ସହ ଘଟେ କେମିତି? ଏନେଇ ରାଜମୋହନ କୁହନ୍ତି, 'ମୁଁ ଯେବେ ତୃତୀୟ ଶ୍ରେଣୀରେ ପଢୁଥିଲି ମୋ ମା'ଙ୍କ ଦେହାନ୍ତ ହେଇଗଲା। ପରେ ସ୍କୁଲରେ କହିଲେ ବିନା ଟଙ୍କାରେ ପଢିପାରିବିନି। ଚତୁର୍ଦ୍ଦିଗ ଅନ୍ଧକାରମୟ ଲାଗିଲା। ସବୁକିଛି ଶେଷ ହେଇଗଲା ଭଳି ମନେ ହେଲା। ନିଷ୍ପତ୍ତି ନେଲି ଆତ୍ମହତ୍ୟା କରିବି। ଆଉ ଟ୍ରାନ୍ସଫର୍ମର ଉପରେ ଚଢିଗଲି। ବିଦ୍ୟୁତ ତାରଗୁଡିକୁ ଛୁଇଁଲି। ହେଲେ ଆଶ୍ଚର୍ଯ୍ୟର କଥା ବିଦ୍ୟୁତର ଝଟକା ଲାଗିଲା ନାହିଁ। ବାରମ୍ବାର ତାରଗୁଡିକୁ ଛୁଇଁଲି ତଥାପି କିଛି ହେଲାନି। ବିଶ୍ୱାସ ହେଉ ନ ଥାଏ। ହେଲେ ଶେଷରେ ବିଶ୍ୱାସ କରିବାକୁ ବାଧ୍ୟ ହେଲି ଯେ, ଭଗବାନ ନିଶ୍ଚୟ ମତେ ଏକ ସୁପର୍ ପାୱାର ଦେଇଛନ୍ତି। ଯେଉଁଥିପାଇଁ ବିଦ୍ୟୁତ୍‌ର ଝଟକା ମତେ ଅନୁଭବ ହେଉ ନାହିଁ। ଆଉ ଏହାକୁ ନେଇ ମୁଁ ଆଗକୁ ବଢିବି ଚିନ୍ତା କଲି।' ଜାଣି ଆଶ୍ଚର୍ଯ୍ୟ ହେବେ ରାଜମୋହନ କିଛି କପର୍ ତାରକୁ ଶରୀରରେ ଓ ବେକରେ ଗୁଡାଇ ହାତରେ ଏକ ପ୍ଲେଟକୁ ଧରି ବିଦ୍ୟୁତ ପ୍ରବାହିତ କଲେ ପ୍ଲେଟ୍‌କୁ ଇଣ୍ଡକ୍ସନ କୁକରରେ ପରିଣତ ହୋଇଯାଏ। ଆଉ ସେଥିରେ ୧୦ ମିନିଟ୍ ପର୍ଯ୍ୟନ୍ତ ଚିକେନ ରାନ୍ଧିହୁଏ। ଏଭଳି କାରନାମା ଦେଖି ଲୋକେ ବିଶ୍ୱାସ ନ କରିପାରୁ ଥିଲେ ହେଁ ଆଖି ଦେଖୁଥିବା କଥାକୁ ମିଛ ବୋଲି ବି ଭାବି ପାରନ୍ତି ନାହିଁ।



**ଲାୟନ ହ୍ୱିସ୍ପରର୍ କେଭିନ୍:** ସିଂହର ଗର୍ଜନ ହିଁ ମନରେ ଭୟ ସୃଷ୍ଟି କରିବାକୁ ଯଥେଷ୍ଟ। ଆଉ ଯଦି ସିଂହ ସହ ସାମ୍ନା ସାମ୍ନି ହେଇଯାଏ ତେବେ ଅବସ୍ଥା କ'ଣ ହେବ ଭାବି ହୁଏନା। କିନ୍ତୁ ଏମିତି ଜଣେ ମଣିଷ ଅଛନ୍ତି ଯେକି ସିଂହ ସହ ବସନ୍ତି, ଶୁଅନ୍ତି, ଖେଳନ୍ତି, ତାଙ୍କ ପିଠି ଉପରେ ବସନ୍ତି, ତାଙ୍କୁ ଖୁଆଇ ବି ଦିଅନ୍ତି। ତା'ସହ ସିଂହ ପାଟିରେ ହାତ ବି ପୁରାଇ ଦିଅନ୍ତି। ତଥାପି ସିଂହମାନେ ତାଙ୍କର କିଛି କ୍ଷତି କରନ୍ତି ନାହିଁ। ସେଥିପାଇଁ କିଏ ତାଙ୍କୁ 'ଲାୟନ ମ୍ୟାନ' ତ ଆଉ କିଏ 'ଆନିମଲ ହ୍ୱିସ୍ପରର୍' ବୋଲି କୁହନ୍ତି। ଏହି ଦୁଃସାହସୀ ବ୍ୟକ୍ତି ଜଣକ ହେଲେ **କେଭିନ ରିଚାର୍ଡସନ୍।** ସେ ଜଣେ ଜୁଲୋଜିଷ୍ଟ ଓ ଆନିମଲ ସାଇକୋଲୋଜିଷ୍ଟ ଅଟନ୍ତି। ଦକ୍ଷିଣ ଆଫ୍ରିକାର ଜୋହନ୍‌ସବର୍ଗରେ କେଭିନ୍‌ଙ୍କ ଜନ୍ମ। ପ୍ରାରମ୍ଭିକ ଦିନରେ ସେ ଜୁଲୋଜି ଓ ମରିନ ବାୟୋଲୋଜି ପଢିଥିଲେ। ହେଲେ ପ୍ରାଣୀଙ୍କ ପ୍ରତି ତାଙ୍କର ଥିଲା ଅହେତୁକ ଭଲ ପାଇବା। ତେଣୁ ପରବର୍ତ୍ତୀ ସମୟରେ ସେ 'କେଭିନ୍ ରିଚାର୍ଡସନ୍ ଫାଉଣ୍ଡେସନ୍' ଗଢିଲେ ଓ ୧୬୦୦୦ ଏକର ଅଞ୍ଚଳରେ ଏକ ଲାୟନ ପାର୍କ ନିର୍ମାଣ କଲେ। ଉଦ୍ଦେଶ୍ୟ ଥିଲା ସିଂହଙ୍କ ସଂଖ୍ୟା ବୃଦ୍ଧି ଓ ସେମାନଙ୍କୁ ଏକ ଭଲ ଜୀବନ ଦେବା। କେଭିନ ସିଂହଙ୍କ ଜୀବନଶୈଳୀ ଓ ବ୍ୟବହାରକୁ ଗଭିରଭାବେ ବିଚାର କରି ସେମାନଙ୍କୁ ବୁଝି ତାଙ୍କ ସହ ମିଶିବାକୁ ଚେଷ୍ଟା କରନ୍ତି। କେଭିନ୍‌ଙ୍କର ସିଂହଙ୍କ ସହ କଥା ହେବାର ବି ଦକ୍ଷତା ରହିଛି। ତେଣୁ ସେ 'ଲାୟନ ହ୍ୱିସ୍ପରର' ନାମରେ ବେଶ୍ ପରିଚିତ। ଏମିତି ସିଂହଙ୍କ ସହ ବନ୍ଧୁତା ଗଢିବା ପ୍ରକ୍ରିୟା ବେଳେ ଅନେକ ଥର ସେ ଗୁରୁତର ଆହତ ବି ହୋଇଛନ୍ତି। ତଥାପି ତାଙ୍କ ମନରେ ଥିବା ସିଂହଙ୍କ ପ୍ରତି ଭଲ ପାଇବା କମିନି। ସର୍କସର ରିଙ୍ଗ ମାଷ୍ଟର ପରି ସେ ସିଂହଙ୍କୁ ଭୟ ଦେଖାନ୍ତି ନାହିଁ କି ମାରନ୍ତି ନାହିଁ। ସେଥିପାଇଁ ବୋଧେ ସିଂହମାନେ ତାଙ୍କୁ ଖୁବ୍ ନିଜର ଭାବନ୍ତି। ସେ କେବଳ ସିଂହଙ୍କ ସହ ନୁହେଁ ଚିତା, କଳା ବାଘଙ୍କ ସହ ବି ଖୁବ୍ ଭଲଭାବେ ମିଶନ୍ତି। ସେମାନଙ୍କ ସହ ମିଶି ଫୁଟବଲ୍ ବି ଖେଳନ୍ତି।



**ଆଇସ୍ ମ୍ୟାନ ୱିମ୍ ହଫ:** ଶୀତଦିନରେ ବିନା ଶୀତବସ୍ତ୍ରରେ ରହିବା କଥା ଭାବି ହୁଏନା। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯେକି ବରଫ ଭିତରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ରହିପାରନ୍ତି ଓ ତାଙ୍କ ଶରୀରର ତାପମାତ୍ରାରେ କିଛି ପରିବର୍ତ୍ତନ ବି ଆସେନା। କେବଳ ସେତିକି ନୁହେଁ ସେ କେବଳ ଏକ ସର୍ଟସ୍ ପିନ୍ଧି ଏଭେରେଷ୍ଟ ଚଢିଛନ୍ତି। ଆଉ ବରଫ ଉପରେ ଖାଲି ପାଦରେ ବେଶ୍ ଦ୍ରୁତ ଗତିରେ ହାଫ ମାରାଥନ କରି ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ବି ପାଇଛନ୍ତି। ଅତ୍ୟଧିକ ଶୀତଳ ତାପମାତ୍ରାରେ ଏଭଳି ଚମତ୍କାର କରିପାରୁଥିବା ଏହି ବ୍ୟକ୍ତିଙ୍କୁ ସମସ୍ତେ ଆଇସ୍‌ମ୍ୟାନ ବୋଲି ଡାକନ୍ତି। ତେବେ ତାଙ୍କ ପ୍ରକୃତ ନାମ ହେଉଛି **ୱିମ୍ ହଫ।** ଜନ୍ମ ତାଙ୍କର ନେଦରଲାଣ୍ଡର ଲିମବର୍ଗସ୍ଥ ସିଟାର୍ଡରେ। ୧୭ ବର୍ଷ ବୟସରେ ସେ ପ୍ରଥମ ଥର ଅଧା ଅଧା ବରଫ ପାଲଟିଥିବା ବିଟ୍ରିକ୍ସପାର୍କ କେନାଲରେ ପହଁରି ନିଜ ଭିତରର ଏଇ ଦକ୍ଷତାକୁ ଚିହ୍ନିଥିଲେ। ପରେ ସେ ଏଇ ବରଫକୁ ନେଇ ପ୍ରାଣଘାତୀ ଷ୍ଟଣ୍ଟ କରି ଅନେକ ରେକର୍ଡ କଲେ। ଆଉ ତାଙ୍କ ରେକର୍ଡକୁ ଅନ୍ୟ କେହି ଭାଙ୍ଗି ପାରି ନାହାନ୍ତି। ଯେଉଁମାନେ ବି ଚେଷ୍ଟା କରିଛନ୍ତି ସେଥିମଧ୍ୟରୁ ଅନେକେ ଅତ୍ୟଧିକ ଥଣ୍ଡାରୁ ମୃତ୍ୟୁବରଣ କରିଛନ୍ତି।

**ଟୁଥ୍ କିଙ୍ଗ ରଥକୃଷ୍ଣା:** ମାଲେସିୟାର **ରଥକୃଷ୍ଣା ଭେଲୁଙ୍କ** ଦାନ୍ତ ଏତେ ଶକ୍ତ ଯେ, ପ୍ରକୃତରେ ତାଙ୍କୁ ଦାନ୍ତ ବିଜ୍ଞାପନ ପାଇଁ ନେବା କଥା। କାରଣ ସେ ଷ୍ଟିଲ ଦଉଡିରେ ବନ୍ଧା ଯାଇଥିବା ସାତ କୋଚ୍ ବିଶିଷ୍ଟ ଏକ ଟ୍ରେନ୍‌କୁ ଦାନ୍ତରେ ୯ ଫୁଟ୍ ୨.୨ ଇଞ୍ଚ ଟାଣି ଗିନିଜ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଛନ୍ତି। ଉକ୍ତ ଟ୍ରେନ୍‌ରେ ଓଜନ ଥିଲା ୨୯୭.୧ ମେଟ୍ରିକ ଟନ୍। ତାଙ୍କର ଏଭଳି କାରନାମା ଲୋକେ ଦେଖି ହତବାକ ହୋଇଯାଇଥିଲେ। ତେବେ ରଥକୃଷ୍ଣା କୁହନ୍ତି ଦାନ୍ତକୁ ମଜଭୁତ କରିବା ଲାଗି ସେ ଏକ ଖାସ୍ ପ୍ରକାରର ଧ୍ୟାନ କରନ୍ତି।

# ସାହାରାର ହାତ



**ନା ଅଛି ମା'ର ପଣତ, ନା ମୁଣ୍ଡ ଉପରେ ବାପାଙ୍କ ହାତ। ତଥାପି ବଞ୍ଚିବା ପାଇଁ ପ୍ରତିମୁହୂର୍ତ୍ତରେ ସଂଘର୍ଷ କରିଚାଲିଛନ୍ତି ଏଇ କୁନି ପିଲାମାନେ। ଆଉ ଏହି ମା' ବାପାଛେଉଣ୍ଡ ପିଲାଙ୍କୁ ଏକାଛାଡ଼ି ନ ଦେଇ ତାଙ୍କୁ ସାହାରାର ହାତ ବଢାଇଛନ୍ତି କିଛି ଦରଦୀ ମଣିଷ ...**


ସେମାନେ ଥିଲେ ଖେଳକୁଦ କରିବା ବୟସର। ଜୀବନକୁ ବୁଝିବା ପୂର୍ବରୁ ଭାଗ୍ୟ ସେମାନଙ୍କଠୁ ସବୁ ସୁଖ ଛଡ଼ାଇ ନେଲା। ମା' ବାପା ସବୁଦିନ ପାଇଁ ସଂସାର ଛାଡ଼ି ଚାଲିଗଲେ ଆରପାରିକୁ। ବେସାହାରା ହୋଇଗଲେ ପିଲାମାନେ। ଏବେ ନା ଅଳି ଅଝଟ କରିବାକୁ ଅଛି ମା'ର ପଣତକାନି ନା ବାପାଙ୍କ କାନ୍ଧ। କିନ୍ତୁ ବଞ୍ଚିବା ପାଇଁ ସମୟ ସହିତ ଯୁଝିବାକୁ ହୁଏ ପ୍ରତିମୁହୂର୍ତ୍ତ। ମା' ବାପାଙ୍କୁ ହରାଇଥିବା ପିଲାଙ୍କ ଭବିଷ୍ୟତ ଗଢ଼ିବାର ଆଶା, ଆଗକୁ ମାଡି ଚାଲିବାର ପାଦ ଯେମିତି ଅଟକି ଯାଏ। ହେଲେ ସେମାନଙ୍କ ପାଦକୁ ଅଟକିବାକୁ ଦିଅନ୍ତିନି କେହି କେହି। ସେମାନେ ବନ୍ଧୁ ସମ୍ପର୍କୀୟ ରୂପରେ ସାହାରା ହୋଇ ଠିଆ ହୁଅନ୍ତି। ଆଗକୁ ଚାଲିବାର ବାଟ ଦେଖାନ୍ତି। ହାତଧରି ବାଟ କଢେଇ ନିଅନ୍ତି ନୂଆ ଏକ ସୁନେଲୀ ଭବିଷ୍ୟତ ଆଡ଼କୁ..

**ମୋ ଆଗରୁ ସେମାନେ ଚାଲିଗଲେ:** 'ଦିନଥିଲା ପୁଅ ବୋହୂ, ନାତିନାତୁଣୀଙ୍କୁ ନେଇ ମୋ ଘର ପୂରିଉଠୁଥିଲା। କିନ୍ତୁ ମୋ ମରଣ ପୂର୍ବରୁ ପୁଅ ଗଲା, ବୋହୂ ବି ଚାଲିଗଲା ଆରପାରିକୁ। ଏବେ ମୋ ଅଖିରୁ ଲୁହ ଶୁଖୁନି। ନାତି ନାତୁଣୀ ବି ଝୁରୁଛନ୍ତି ତାଙ୍କର ମା'ବାପାଙ୍କୁ' ଏହି କଥା କାନ୍ଦି କାନ୍ଦି କହନ୍ତି ଜଣେ ୭୫ବର୍ଷିୟା ବୃଦ୍ଧା। ଘଟଣାଟି ଘଟିଥିଲା ଗଞ୍ଜାମ ଜିଲାର ପୁରୁଷୋତ୍ତମପୁର, ଏନ୍‌ଏସି ୱାର୍ଡ ନଂ. ୫ ଟାଙ୍ଗୁଡିଆ ପଦର ସାହିରେ। ଏହି ସାହିର ଦିବ୍ୟାଙ୍ଗ ଯୁବକ କୃଷ୍ଣଚନ୍ଦ୍ର ବେହେରାଙ୍କ ପରିବାର କହିଲେ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା, ଝିଅ ମଧୁସ୍ମିତା, ପୁଅ ଶଶାଂଶୁ ଓ ବୃଦ୍ଧା ମା'ହାଡ଼ିଆଣୀ ଥିଲେ। କୃଷ୍ଣଚନ୍ଦ୍ର ଜଣେ ଦିବ୍ୟାଙ୍ଗ ଗରିବ ଶ୍ରେଣୀର । ପରିବାର ଚଳିବା ପାଇଁ ସେ ତାଙ୍କର ଘର ସମ୍ମୁଖରେ ଏକ ଛୋଟିଆ କେବିନ୍‌ଟିରେ ବିଭିନ୍ନ ସାମଗ୍ରୀ ରଖି ବିକ୍ରିକରୁଥିଲେ। ସେଦିନ ଥିଲା ୨୦୨୧ ମସିହା ମେ ୬ ତାରିଖ। କରୋନାରେ ଆକ୍ରାନ୍ତ ହୋଇ କୃଷ୍ଣଚନ୍ଦ୍ର ଆରପାରିକୁ ଚାଲିଗଲେ। ଫଳରେ ତାଙ୍କ ଉପରେ ନିର୍ଭରଶୀଳ ଥିବା ପରିବାର ସଦସ୍ୟ ଚଳିବାରେ ଘୋର ଅଭାବ ଦେଖାଦେଇଥିଲା। ଅନେକ ସମୟରେ ପରିବାର ଲୋକମାନେ ଭୋକ ଉପାସରେ ଦିନକାଟୁଥିଲେ। ଏମିତି ପରିସ୍ଥିତିରେ ୨୦୨୧ ସେପ୍ଟେମ୍ବର ୨୬ ତାରିଖରେ ସ୍ତ୍ରୀ ବିଷ୍ଣୁପ୍ରିୟାଙ୍କୁ ଆଶାକର୍ମୀ ଭାବରେ ନିଯୁକ୍ତି ମିଳିଲା। ଏଥିଯୋଗୁ ବିଷ୍ଣୁପ୍ରିୟାଙ୍କୁ ମିଳୁଥିବା ଦରମା ଏବଂ ରାଶନ କାର୍ଡ ଚାଉଳରେ ତାଙ୍କର ବୃଦ୍ଧାଶାଶୁ ଓ ଦୁଇ ପିଲା ଯେନତେନ ଚଳି ଯାଉଥିଲେ। ଗତ କିଛମାସ ତଳେ ବିଷ୍ଣୁପ୍ରିୟା ଶ୍ୱାସରୋଗରେ ଆକ୍ରାନ୍ତ ହୋଇଥିଲେ। ଅର୍ଥ ଅଭାବ ଯୋଗୁ ଉପଯୁକ୍ତ ଚିକିତ୍ସାରୁ ସେ ବଞ୍ଚିତ ହୋଇଥିଲେ । ହଠାତ୍ ଦିନେ ସେ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ସଙ୍ଗେ ସଙ୍ଗେ ବ୍ରହ୍ମପୁର ମେଡିକାଲକୁ ଚିକିତ୍ସା ଲାଗି ନିଆଯାଇଥିଲା, ମାତ୍ର ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏବେ ଘରେ ଥିବା ତାଙ୍କର ଝିଅ ମଧୁସ୍ମିତା (୧୬), ପୁଅ ଶଶାଂଶୁ ଓ ଶାଶୁ ହାଡ଼ିଆଣୀଙ୍କ ଅବସ୍ଥା ଦୁର୍ବିଷହ ହୋଇପଡିଛି। ଏମିତିରେ ପୂରା ପରିବାର ବେସାହାରା ହୋଇପଡ଼ିଛନ୍ତି। କିପରି ବଞ୍ଚିବେ ସେଥିପାଇଁ ଚିନ୍ତାରେ ଭାଙ୍ଗିପଡିଛନ୍ତି ସେମାନେ। କିଛିଦିନ ହେବ ବୃଦ୍ଧା ହାଡ଼ିଆଣୀଙ୍କ ଗୋଡ଼ ହାଡ଼ ଭାଙ୍ଗି ଯିବାରୁ ସେ ଚଳପ୍ରଚଳ କରିପାରୁନାହାନ୍ତି। ସେ କୁହନ୍ତି, ପୁଅ ବୋହୂ ମୋର ଦେଖାରଖା କରୁଥିଲେ। ସେମାନେ ମୋତେ ଛାଡ଼ିଚାଲିଗଲେ । ଏବେ ମୁଁ ନିରୁପାୟ ହୋଇପଡ଼ିଛି। ଦୁଇଟି ପିଲାଙ୍କୁ ପୋଷିବି କିପରି ? ସେହି ଚିନ୍ତାରେ ମୋ ଆଖିରୁ କେବଳ ଲୁହ ବୋହୁଛି । ସେହିପରି ମଧୁସ୍ମିତାଙ୍କୁ କିଏ କିଛି ପଚାରିଲେ ସେ କାନ୍ଦି କାନ୍ଦି କୁହନ୍ତି, ଆମ ବାବା, ବୋଉ ଆରପାରିକୁ ଚାଲିଗଲେ। ଆମେ ଅନାଥ ହୋଇଗଲୁ । ଆମେ ଏବେ ବଞ୍ଚିବୁ କେମିତି, ଖାଇବୁ କ'ଣ, ପଢ଼ିବୁ କିପରି। ଏମିତି ପରିସ୍ଥିତିରେ ମଧୁସ୍ମିତା ଓ ଶଶାଂଶୁଙ୍କ ମାମୁ ଯବନକୁମାର ବେହେରା ଭଣଜା ଭାଣିଜୀଙ୍କ ଦେଖାଶୁଣା କରିବା ସହ ଏହି ପରିବାରର ଦାୟିତ୍ୱ ନେଇଛନ୍ତି। ସରକାର ଓ ପ୍ରଶାସନକୁ ସାହାଯ୍ୟ ଲାଗି ମଧ୍ୟ ନିବେଦନ କରିଛନ୍ତି।

**ମା'ବାପାଙ୍କ କଥା ମନେପଡୁଛି**– 'ମା'ବାପାଙ୍କର ଆମେ ଦୁଇ ଝିଅ ଓ ଗୋଟିଏ ପୁଅ । ହେଲେ ମା'ବାପା ଆଉ ନାହାନ୍ତି।' ଏତିକି କହୁକହୁ ସୁସ୍ମିତାଙ୍କ ଆଖି ଲୁହ ଛଳଛଳ ହୋଇପଡ଼ିଲା। ସେ ଆଉ କିଛି କହିବା ପୂର୍ବରୁ କାନ୍ଦିକାନ୍ଦି ଘର ଭିତରକୁ ପଳାଇଥିଲେ। ଇଏ କୌଣସି ନାଟକର ସଂଳାପ ନୁହେଁ ବରଂ ଖୋର୍ଦ୍ଧା ଜିଲା ବଣିଆଟାଙ୍ଗି ଗାଁର ଏକ ଦୁଃଖଦ ଘଟଣା। ଏହି ଗାଁର ବାସିନ୍ଦା ଥିଲେ ରାମଚନ୍ଦ୍ର ସେନାପତିଙ୍କ ସାନପୁଅ ସମରେନ୍ଦ୍ର ସେନାପତି। ସ୍ତ୍ରୀ ସୁନୀତା ସେନାପତି, ବଡ଼ଝିଅ ସୁସ୍ମିତା, ସାନଝିଅ ସ୍ୱୟଂପ୍ରଭା ଓ ପୁଅ ଦେବେନ୍ଦ୍ରଙ୍କୁ ନେଇ ତାଙ୍କ ପରିବାର। ବୃଦ୍ଧା ମା' ପ୍ରଫୁଲି କୁହନ୍ତି, 'ଆଜକୁ ପ୍ରାୟ ୨ମାସ ତଳେ ମୋ ସାନପୁଅ ସମରେନ୍ଦ୍ରଙ୍କର ମୃତ୍ୟୁ ଘଟିଲା। ସେ ସମୟରେ ଏହି ଖବର ଶୁଣି ବୋହୂ ସୁନୀତା ହଠାତ୍ କୌଣସି କାରଣରୁ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସାଳୟକୁ ନିଆଯାଇଥିଲା, ହେଲେ ତାଙ୍କର ବି ବିୟୋଗ ହେଲା। ଏମିତି ପରିସ୍ଥିତିରେ ଆମେ ବୃଦ୍ଧ ବାପମା' ଏବେ ନାତିନାତୁଣୀଙ୍କ କଥା ବୁଝୁଛୁ। ବଡ଼ନାତୁଣୀ ସୁସ୍ମିତା କଲେଜରେ ଯୁକ୍ତ୨ରେ ପଢୁଥିବା ବେଳେ ସାନ ସ୍ୱୟଂପ୍ରଭା ଗାଁ ସ୍କୁଲରେ ୭ମରେ, ନାତି ଦେବେନ୍ଦ୍ର ୧୦ବର୍ଷ ବୟସର। ସେ ୪ର୍ଥରେ ପଢୁଛି। ସ୍ୱଂୟପ୍ରଭା କୁହନ୍ତି, ଘରେ ଯେତେବେଳେ ବାପାବୋଉ ଥିଲେ ସେମାନେ ଆମ କଥା ବୁଝୁଥିଲେ। ସେମାନେ ଚାଲି ଗଲାପରେ ଆଉ କାହାପାଖରେ ସେଭଳି ଅଳିଅଝଟ କରିପାରୁନୁ। ଗାଁର ଜଣାଶୁଣା ଲୋକମାନେ ଆମକୁ ସାହାଯ୍ୟ କରୁଛନ୍ତି। ଘରେ ବୃଦ୍ଧ ଜେଜେ ରାମଚନ୍ଦ୍ର ସେନାପତି, ମା' ପ୍ରଫୁଲି, ବଡ଼ବାପା ଅମରେନ୍ଦ୍ର ପରିବାର ଚଳାଉଛନ୍ତି। ଅଧିକାଂଶ ସମୟ ମୋ ବୋଉବାପାଙ୍କ କଥା ମନେପଡୁଛି। ସ୍କୁଲରେ ବେଳେବେଳେ ଭାଇ ଚୁପଚାପ ଆଖିରୁ ଲୁହଗଡ଼ାଇ କାନ୍ଦେ ଓ କିଛି ସମୟ ପରେ ତୁନି ହୋଇଯାଏ।

→







ବଡ଼ଭଉଣୀ ଶ୍ରାବଣୀ ସହିତ ରଞ୍ଜନ ,ଲକ୍ଷ୍ମୀ ,ଭାଇ ଧରଣୀ ଓ ସାନ ଭଉଣୀ ମମତା

**ମା’ ବାପା ଚାଲିଗଲା ପରେ ଭାଇର ଭବିଷ୍ୟତ ଚିନ୍ତା:** ଯେଉଁ ବୟସରେ ସେ ଖେଳିବୁଲି ସ୍କୁଲ ଯିବାକଥା, ସେହି ବୟସରେ ସେ ମଜୁରି ଲାଗୁଛି, ବିଲବାଡ଼ିକୁ ଯାଉଛି। ଜଙ୍ଗଲରୁ ଜାଳେଣିକାଠ ଆଣୁଛି। ତା’ର ଭାଇ ପାଇଁ ପରିଶ୍ରମ କରୁଛି ବଡ଼ଭଉଣୀ ଜୟନ୍ତୀ। କାହିଁକି ନା ସେମାନେ ମା’ବାପାଙ୍କୁ ହରାଇ ଅନାଥ ହୋଇପଡ଼ିଛନ୍ତି। ଏହି ଘଟଣା ଘଟିଥିଲା ଖୋର୍ଦ୍ଧା ଜିଲାର ଜଟଣୀ ବ୍ଲକ ଅନ୍ତର୍ଗତ ଛତାବର ଗ୍ରାମପଞ୍ଚାୟତର କନ୍ଦଲେଇ ଗାଁରେ। ଏହି ଗାଁର ବାସିନ୍ଦା ହେଉଛନ୍ତି ମୁରଲୀ ଚାତର। ସ୍ତ୍ରୀ ଗୀତା, ଝିଅ ଜୟନ୍ତୀ, ବଡ଼ପୁଅ ଶରତ, ସାନପୁଅ ଆକାଶଙ୍କୁ ନେଇ ତାଙ୍କ ପରିବାର। ହସଖୁସିରେ ପିଲାମାନଙ୍କୁ ନେଇ ଚଳୁଥିଲେ ମୁରଲୀ। ମାତ୍ର କିଛିବର୍ଷ ତଳେ ତାଙ୍କ ସ୍ତ୍ରୀ ଗୀତା ଟିବିରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କଲେ। ପରିବାର ସମସ୍ୟା ଦିନକୁ ଦିନ ଜଟିଳ ହେବାକୁ ଲାଗିଲା। ଏମିତିରେ ମୁରଲୀଙ୍କ ବଡ଼ପୁଅ ଶରତ ଜଣେ ଦିବ୍ୟାଙ୍ଗଥିଲେ ତାଙ୍କର ଅକାଳ ମୃତ୍ୟୁ ହୋଇଥିଲା। ଏହାର ପ୍ରାୟ ୩ବର୍ଷପରେ ମୁରଲୀଙ୍କ ମୃତ୍ୟୁ ଘଟିଥିଲା। ସେବେଠାରୁ ଜୟନ୍ତୀ ପାଠପଢ଼ା ବନ୍ଦ କରି ସାନ ଭାଇ ଆକାଶକୁ ପାଠ ପଢେଇ ମଣିଷ କରିବା ପାଇଁ ପରିଶ୍ରମ କରିଚାଲିଛି। ବଣ ଜଙ୍ଗଲକୁ ଯାଉଛି। ମୂଲମଜୁରି ଲାଗି ପରିବାର ଚଳାଉଛନ୍ତି। ଜୟନ୍ତୀଙ୍କୁ ଏବେ ୧୬ବର୍ଷ। ସେ କୁହନ୍ତି, ‘ଆମେ ଆଦିବାସୀ ଗରିବ ଶ୍ରେଣୀର ଲୋକ। ଏବେ ମୋ ବାପା ମା’ ଆଉ ନାହାନ୍ତି। କିନ୍ତୁ ପିଲାଟିଦିନରୁ ସ୍କୁଲ ଯିବା ସହିତ ଗାଁରେ ବିଲବାଡ଼ିରେ ମଜୁରି ଲାଗି ପରିବାର ଚଳେଇବାରେ ଅଭ୍ୟାସ ଥିଲା। ଏବେ ମୋ ଭାଇ ଆକାଶ ୮ବର୍ଷର ଓ ସେ ତୃତୀୟ ଶ୍ରେଣୀରେ ପଢୁଛି। ଆମେ ପିତାମାତାଙ୍କୁ ହରାଇ ବେସାହାରା ହୋଇପଡ଼ିଥିବା ବେଳେ ବଡ଼ବାପା ବାବୁଲି ଚାତର, ଡମ୍ବୁର ଚାତର ଓ ବଡ଼ ମା’ ବେଲ ଚାତର, ଆଶ୍ରିତା ଚାତରଙ୍କ ପାଖରେ ରହୁଛୁ। ଏମାନେ ଅତ୍ୟନ୍ତ ଗରିବ ଶ୍ରେଣୀର ଆଦିବାସୀ ଲୋକ। ରୋଜଗାର ନ ଥିବାରୁ ବହୁକଷ୍ଟରେ ଦିନ ବିତାଉଛୁ।

**ସ୍କୁଲ ଯାଉଛି, ବଡ଼ମା’ଙ୍କ ଘରେ ରହୁଛି:** ଦିନେ ଏକ ୩ମାସର ପୁତ୍ର ସନ୍ତାନଙ୍କୁ ଘରେ ଛାଡ଼ି ମା’ ଅନ୍ୟତ୍ର ଚାଲିଗଲେ। ସମୟକ୍ରମେ ସେହି ପୁତ୍ରସନ୍ତାନର ଯତ୍ନ ନେଉଥିବା ପିତାଙ୍କ ଏକ ଅଭାବନୀୟ ଘଟଣାରେ ମୃତ୍ୟୁ ଘଟିଲା। ଯାହା ଫଳରେ ପିଲାଟି ବେସାହାରା ହୋଇଗଲା। ଘଟଣାଟି ଥିଲା ଭୁବନେଶ୍ୱର ଉପକଣ୍ଠସ୍ଥ ମେଣ୍ଢାଶାଳ ଅଞ୍ଚଳର କନ୍ଦଲେଇ ଗାଁର । ଏଠାକାର ବାସିନ୍ଦା ହେଲେ ଦୁଇଭାଇ କାର୍ତ୍ତିକ ଚାତର ଓ ଜଗା ଚାତର। ଏମାନଙ୍କ ଆର୍ଥିକ ଅବସ୍ଥା ଅତ୍ୟନ୍ତ ଖରାପ। ଏହି ଦୁଇଭାଇଙ୍କ ପରିବାର ଏକାଠି ଚଳିଆସୁଥିଲେ। ଜଗା ଚାତରଙ୍କ ବିବାହ ପରେ ସବୁକିଛି ଠିକ୍ ଚାଲିଥିଲା। ହେଲେ ହଠାତ୍ ଦିନେ ଜଗାଙ୍କ ସ୍ତ୍ରୀ ୩ ମାସର ପୁତ୍ର ସଞ୍ଜୟଙ୍କୁ ଛାଡ଼ି ଅନ୍ୟତ୍ର ପଳାଇଲେ। ଏମିତି ପରିସ୍ଥିତିରେ ଜଗା ଚାତର ତାର ୩ ମାସର ପୁତ୍ର ସଞ୍ଜୟର ଲାଳନପାଳନ କରିଆସୁଥିଲେ। ସମୟକ୍ରମେ ଜଗା ଓ କାର୍ତ୍ତିକଙ୍କ ମଧ୍ୟରେ ହାଣ୍ଡିଆ ପିଇବାକୁ ନେଇ ଝଗଡ଼ା ହେଲା । ଯେଉଁଥିରେ ଜଗା ଚାତରଙ୍କ ମୃତ୍ୟୁ ଘଟିଲା। କାର୍ତ୍ତିକ ଚାତରଙ୍କୁ ପୋଲିସ ନେଇଗଲା। ଏକୁଟିଆ ହୋଇଗଲା କୁନି ପୁଅ ସଞ୍ଜୟ। ଏବେ ସେ ୯ବର୍ଷର। ଗାଁର ଜଣେ ବିଧବା ବଡ଼ମା’ ଯମୁନା ଚାତର ଓ ଅନ୍ୟଜଣେ ବଡ଼ବାପା ଗଣେଶ ଚାତରଙ୍କ ପାଖରେ ସେ ରହୁଛି। ସଞ୍ଜୟ କୁହନ୍ତି, ଗାଁ ସ୍କୁଲରେ ୪ର୍ଥଶ୍ରେଣୀରେ ପାଠ ପଢିବାକୁ ଯାଉଛି। ସାମାଜିକ କର୍ମୀ ତ୍ରିଲୋଚନ ବେଉରା ଓ ସୁଶାନ୍ତ ସାହୁ ଆମ ଗାଁର କେତେଜଣ ଗରିବ ପିଲାଙ୍କ ଦେଖାଶୁଣା କରୁଛନ୍ତି। ସଞ୍ଜୟ ସହ ଅନ୍ୟମାନଙ୍କ ଦେଖାଶୁଣା କରୁଥିବା ସାମାଜିକ କର୍ମୀ ସୁଶାନ୍ତ ସାହୁ କୁହନ୍ତି,‘ପ୍ରାୟ ୨୦ବର୍ଷ ତଳେ ଏହି ଅଞ୍ଚଳକୁ ଜନଗଣନା ପାଇଁ ଜଣେ ଶିକ୍ଷୟତ୍ରୀ ଯାଇଥିଲେ। ସେ ଦେଖିଲେ ଭୁବନେଶ୍ୱର ଉପକଣ୍ଠରେ ଏମିତି ଏକ ଅଞ୍ଚଳ ରହିଛି ଯେଉଁଠି ଗାଁଟି ବହୁବିଧ ସମସ୍ୟା ଭିତରେ ରହିଛି। ଏହି ଅଞ୍ଚଳ ସମ୍ପର୍କରେ ସୁଚନା ଜାଣିଲା ପରେ ସେଠାକୁ ଯିବା ପାଇଁ ମନରେ ଆଗ୍ରହ ସୃଷ୍ଟି ହୋଇଥିଲା। ସେଥିପାଇଁ ଗୋପି ମୋହନ ପଟ୍ଟନାୟକ, ଶ୍ରୀପତି ଆଚାର୍ଯ୍ୟ, ପବିତ୍ର ମୋହନ ନାୟକ, ଇତିଶ୍ରୀ ସିଂ ରାଠୋରଙ୍କ ଆଦିଙ୍କ ସହ ମିଶି ମୁଁ ସେଠାକୁ ଯାଇଥିଲି। ଘଞ୍ଚ ଜଙ୍ଗଲ ଭିତରେ ଏମିତି ଗାଁ ଯେଉଁଠି ବିଦ୍ୟୁତ କି ପାନୀୟଜଳ, ଶିକ୍ଷାନୁଷ୍ଠାନ ଏପରିକି କଚ୍ଚା ରାସ୍ତାଟିଏ ମଧ୍ୟ ନ ଥିଲା। ଏହି ଗାଁର ଲୋକମାନେ ଆମକୁ ଦେଖି ପ୍ରଥମେ ତାଟିକବାଟ ପକାଇ ଦେଇଥିଲେ। ସେହି ଗାଁରେ ଭେଟିଥିଲୁ ଏହି ପିଲାଟିକୁ। ପରେ ଆମର ସାଧ୍ୟ ମତେ ତାକୁ ଓ ତା’ପରି ଅନ୍ୟ ପିଲାଙ୍କୁ ସାହାଯ୍ୟ କରି ଆସୁଛୁ।’ ଏହି ସାମାଜିକକର୍ମୀଙ୍କ ଛଡ଼ା ପିଲାଟିର ସବୁଠୁ ବଡ଼ ଭରସା ଏବେ ତା’ର ସମ୍ପର୍କୀୟ ବଡ଼ ବାପା ଓ ବଡ଼ ମା’। ସେମାନେ ହିଁ ତା’ର ଦାୟିତ୍ୱ ନେଉଛନ୍ତି।

**ଭଉଣୀ ହିଁ ଆମର ସାହାଭରସା:** ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବନ୍ଧାପଥର ଗ୍ରାମପଞ୍ଚାୟତର ବାସିନ୍ଦା ହେଲେ ବିଦେଶୀ ମେହେର । ସ୍ତ୍ରୀ, ତିନି ଝିଅ ଓ ଦୁଇ ପୁଅଙ୍କୁ ନେଇ ତାଙ୍କ ପରିବାର। ଖୁବ୍ ଗରିବ ଶ୍ରେଣୀର। ୨୦୦୬ ମସିହାରେ ବିଦେଶୀଙ୍କ ସ୍ତ୍ରୀ କ୍ଷୀରାବ୍ଦି ମେହେରଙ୍କ ଝାଡ଼ାବାନ୍ତିରେ ମୃତ୍ୟୁ ଘଟିଲା। ସ୍ତ୍ରୀ ମୃତ୍ୟୁର ଦୁଇବର୍ଷ ପରେ ବିଦେଶୀଙ୍କର ଏକ ଜଟିଳ ରୋଗରେ ମୃତ୍ୟୁ ହୋଇଥିଲା। ଫଳରେ ବାପା ମା’ଙ୍କ ମୃତ୍ୟୁ ପରେ ପୁଅଝିଅ ବେସାହାରା ହୋଇପଡ଼ିଲେ। କ’ଣ କରିବେ, କେମିତି ଚଳିବେ ଭାବିପାରୁ ନ ଥିଲେ। ବାପାମା’ଙ୍କ କଥା ମନେ ପକାଇ କାନ୍ଦୁଥିଲେ। ଘରର ବଡ଼ଝିଅ ଶ୍ରାବଣୀ। ସେତେବେଳେ ତା’ର ବୟସ ମାତ୍ର ୧୬ ବର୍ଷ ହୋଇଥିଲା।ସାନଭାଇ ରଞ୍ଜନ ମେହେର ୧୦ ବର୍ଷର, ଭଉଣୀ ଲକ୍ଷ୍ମୀ ମେହେର ବୟସ ୭ ବର୍ଷ, ସାନଭାଇ ଧରଣୀ ମେହେର ବୟସ ୫ ବର୍ଷ ଓ ସାନ ଭଉଣୀ ମମତା ମେହେରଙ୍କ ବୟସ ଥିଲା ମାତ୍ର ଅଢ଼େଇ ବର୍ଷ। ତେବେ ଶ୍ରାବଣୀ କୁହନ୍ତି, ବାପାମା’ଙ୍କ ମୃତ୍ୟୁ ପରେ ଶୁଦ୍ଧିକ୍ରିୟା କରିବାକୁ ପାଖରେ ଅର୍ଥ ନ ଥାଏ। ଏପଟେ ଛୋଟ ଭାଇଭଉଣୀଙ୍କ ପାଇଁ ଖାଇବା ଯୋଗାଡ଼ର ଚିନ୍ତା। ଶୁଦ୍ଧକ୍ରିୟା କରିବି କେମିତି। ଶେଷରେ ଗ୍ରାମବାସୀଙ୍କ ସହାୟତାରେ କଷ୍ଟେମଷ୍ଟେ ଶୁଦ୍ଧିକ୍ରିୟା କରିଥିଲୁ । ନିଜର ମୁଣ୍ଡ ଗୁଞ୍ଜିବାକୁ ଜାଗା ଖଣ୍ଡିଏ ନ ଥିବା ବେଳେ ସମ୍ପର୍କୀୟ କାକା ଆମମାନଙ୍କ ଦାୟିତ୍ୱ ନେଇ ତାଙ୍କ ଘରେ ସ୍ଥାନ ଦେଲେ । ରହିବାକୁ ସିନା ମିଳିଗଲା ହେଲେ କାକାଙ୍କ ଉପରେ ସବୁ ଦାୟିତ୍ୱ ଦେବାକୁ ଭଲ ଲାଗୁ ନ ଥିଲା। ମୋର ଦୁଇ ଭାଇ ଦୁଇ ଭଉଣୀଙ୍କ ମୁହଁରେ କିପରି ଦାନା ଦେବି ଚିନ୍ତା ଘାରିଲା। ଏମିତି ପରିସ୍ଥିତି ଯୋଗୁ ମୁଁ ସେତେବେଳେ ମୋ ପାଠପଢା କଥା ଭାବିପାରିଲିନି। ଆଉ ଦଶମ ପରୀକ୍ଷା ଦେଇ ପାରି ନ ଥିଲି। ଦୁଇ ଓଳି ଖାଇବା ପାଇଁ ମୂଲ ମଜୁରି ଲାଗିବା ଆରମ୍ଭ କଲି। ଦୁଇ ଭାଇ ଦୁଇ ଭଉଣୀଙ୍କୁ ପାଳିଲି। ବହୁ କଷ୍ଟରେ ଘର ଚଳାଉଛି।’ ଭାଇ ରଞ୍ଜନ କହେ, ‘ମୋ ଭଉଣୀ ଅବିବାହିତ ରହି ଆମମାନଙ୍କୁ ବଡ଼ କରିଛି। ଆମ ମାନଙ୍କ ସବୁ ଦାୟିତ୍ୱ ନେଇଛି, ବିବାହ ବି କରାଇଛି। ଭାବିଥିଲି ଆସ୍ତେ ଆସ୍ତେ ଆମ ଦୁଃଖ ଦୂରେଇବ। କିନ୍ତୁ ଦୁଃଖର କଥା ଏକ ସଡ଼କ ଦୁର୍ଘଟଣାରେ ମୋର ବାମ ଗୋଡ଼ ମାଡ଼ ହୋଇ ଛୋଟା ହୋଇଯାଇଛି। ସାନ ଭଉଣୀ ମମତା ବୌଦ୍ଧର ସ୍ୱେଚ୍ଛାସେବୀ ଅନୁଷ୍ଠାନ ୱାଇସିଡିଏ ସହାୟତାରେ ଆଇଟିଆଇ ପାଠ ପଢ଼ାସାରିଛି। ଆମେସବୁ ବଡ଼ ଭଉଣୀ ପାଇଁ ବଞ୍ଚିପାରିଛୁ। ଆମ ବାପାମା’ ସିନା ଚାଲିଗଲେ କିନ୍ତୁ ବଡ଼ ଭଉଣୀ ନିଜେ ସବୁ କଷ୍ଟ ସହି ଆମକୁ ମଣିଷ କଲେ।ସେ ଆମ ପାଇଁ ଉଭୟ ବାପା ଓ ମା’।

କେବଳ ଏମାନେ ନୁହନ୍ତି ଏମାନଙ୍କ ପରି ଆହୁରି ଅନେକ ବାପାମା’ ଛେଉଣ୍ଡ ପିଲା ଅଛନ୍ତି ଯେଉଁମାନଙ୍କ ମଧରେ କିଏ ସମ୍ପୂର୍ଣ୍ଣ ବେସାହାରା ହୋଇ ଯାଇଛନ୍ତି ତ ଆଉ କାହା ପାଇଁ କେହି ସହଯୋଗର ହାତ ବଢାଇ ମାନବିକତାର ପରିଚୟ ଦେଇ ସେମାନଙ୍କର ସାହାରା ପାଲଟିଛନ୍ତି।

**-ବନବିହାରୀ ବେହେରା**
**ଅଜିତ ବାରିକ, ସୀମାଞ୍ଚଳ ମିଶ୍ର**



ସଞ୍ଜୟ ଚାତର ଓ ବିଧବା ବଡ଼ମା’ ଯମୁନା ଚାତର



ନାତୁଣୀ ମଧୁସ୍ମିତା, ନାତି ଶଶାଙ୍କ ସହିତ ଜେଜିମା’ହାଡ଼ିଆଣୀ



ଭଉଣୀ ଜୟନ୍ତୀ,ଭାଇ ଆକାଶ





ନାତୁଣୀ ସୁସ୍ମିତା, ସ୍ୱୟଂପ୍ରଭା ଓ ନାତି ଦେବେନ୍ଦ୍ର ସହିତ ଜେଜିମା’ ପ୍ରଫୁଲି, ଜେଜେ ରାମଚନ୍ଦ୍ର।




# ବହୁ ପ୍ରତିଭାର ମିଳନ ବିନ୍ଦୁ: ଦୀନବନ୍ଧୁ










ସାହିତ୍ୟ, ଚିତ୍ରକଳା, ସଙ୍ଗୀତ, ବାଦ୍ୟସାଧନ, ଅଭିନୟ ଭଳି କଳାରେ ସର୍ଜନଶୀଳ ସେ । ସେହି ମର୍ମରେ କବିତା, ପ୍ରବନ୍ଧ, ଗଳ୍ପ ରଚନା, ପାଲା ପରିବେଷଣ, ବେହେଲା ବାଦନ, ବିବିଧ ସ୍ୱରାନୁକରଣ ଭଳି ସର୍ଜନର ବହୁବିଧ ଧାରା ସହ ଜଡ଼ିତ ସେ । କେବଳ ନିଜ ଅଞ୍ଚଳ ନୁହେଁ ରାଜ୍ୟ, ଦେଶ ତଥା ବିଶ୍ୱ ସ୍ତରରେ ଆପଣାର ବହୁମୁଖୀ ପ୍ରତିଭା ପାଇଁ ସୁପରିଚିତ ଓ ସମ୍ବର୍ଦ୍ଧିତ ବି ସେ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିବିଧ କଳାକ୍ଷେତ୍ରରେ ନିଜ ମା' ମାଟି, ଜନଜୀବନର ପରିଚୟ ସୃଷ୍ଟି ସହ ସାମାଜିକ ସଂସ୍କାର ଏବଂ କଳାତ୍ମକ ପରିବେଶ ଗଠନରେ ସକ୍ରିୟ ଭୂମିକା ନିର୍ବାହ କରିବା ହେଉଛି ତାଙ୍କ ଅନ୍ତର୍ନିହିତ ସ୍ୱପ୍ନ । ଅପ୍ରାପ୍ତିର ଅବସୋସ ଓ ଅସନ୍ତୋଷ ତାଙ୍କୁ ଅବଶ, ଅସହାୟ କରିବା ପରିବର୍ତ୍ତେ କଳାର ବହୁମୁଖୀ ପ୍ରଶସ୍ତ ପଥରେ ଗତିଶୀଳ କରେଇଛି । ଅନେକଙ୍କ ଭିତରୁ ସ୍ୱତନ୍ତ୍ର ହୋଇ ସେ ପାଲଟିଛନ୍ତି ଏକ ଉଜ୍ଜ୍ୱଳ ଉଦାହରଣ । ନିଶାରେ ସାହିତ୍ୟିକ, ଚିତ୍ରକର, ଅଭିନେତା, ବାୟକ ଏହି ବ୍ୟକ୍ତିତ୍ୱ ପେସାରେ ଜଣେ ସ୍ୱନାମଧନ୍ୟ ଡାକ୍ତର । ଭେଷଜ ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବା ଏହି ଲୋକପ୍ରିୟ ବ୍ୟକ୍ତିତ୍ୱ ଜଣକ **ଡାକ୍ତର ଦୀନବନ୍ଧୁ ସାହୁ** । ପିତା ବାଲୁକେଶ୍ୱର ସାହୁ , ମାତା ସୁଲୋଚନା ସାହୁଙ୍କ ସୁପୁତ୍ର ଦୀନବନ୍ଧୁଙ୍କ ଜନ୍ମ ଅନୁଗୋଳ ଜିଲାସ୍ଥ ଛେଣ୍ଡିପଦା ଗ୍ରାମରେ ୨୫ ଜୁନ ୧୯୭୦ ମସିହାରେ ।

ବିସ୍ମିତ କଳାଭଳି ବହୁମୁଖୀ ପ୍ରତିଭାର ଉନ୍ମେଷ କେବେଠାରୁ ହୋଇଥିଲା ପ୍ରଶ୍ନର ଉତ୍ତରରେ ସେ ବାଲ୍ୟକାଳରୁ ବୋଲି କୁହନ୍ତି । ଛେଣ୍ଡିପଦାର କୁମ୍ଭାରସାହିରେ ମାଟି କାଦୁଅର ବିଚକ୍ଷଣ କାରିଗର କୁମ୍ଭକାରଙ୍କ କୁଶଳୀ ସର୍ଜନା ତାଙ୍କୁ ଯେତିକି ପ୍ରଭାବିତ କରିଥିଲା, ଦଣ୍ଡନାଚରେ ତାଙ୍କ ଜେଜେବାପାଙ୍କ ବୀଣାକାରଙ୍କ ଭୂମିକା, ଅଜାଙ୍କ ତୀବ୍ର ଅଭିନୟ ରୁଚି, ନାଟକୀୟ ଢଙ୍ଗରେ ସଂଳାପ, ବାପାଙ୍କ କଳା ପ୍ରତି ଅନୁରାଗ, ମା'ଙ୍କ ପୂଜା ଝୋଟି ଓ ସୁନ୍ଦର ହସ୍ତାକ୍ଷର ତାଙ୍କୁ ସେତିକି ପ୍ରେରିତ କରିଥିଲା ବିବିଧ କଳାରୁଚିର କ୍ରମିକ ବିକାଶ କ୍ଷେତ୍ରରେ ବୋଲି ଡାକ୍ତର ଦୀନବନ୍ଧୁ ସ୍ୱୀକାର କରନ୍ତି ।

ଆପଣାର ମନେହୋଇଥିବା, ନିଜ ଚେତନାକୁ ଆଲୋକିତ କରିଥିବା ଚରିତ୍ର ଓ ଘଟଣାକୁ ନେଇ ତାଙ୍କ ସାହିତ୍ୟ ଓ ଚିତ୍ର । ପ୍ରଭାବଶାଳୀ, ଅଣପାରମ୍ପରିକ, ଅଭିନବତ୍ୱକୁ ନେଇ ବିକଶିତ ତାଙ୍କ ସଂରଚନାର କ୍ଷେତ୍ର । ତାଙ୍କ ରଚିତ ମଧୁଗନ୍ଧା(୨୦୧୦), ଖଦ୍ୟୋତିକା(୨୦୧୨), ଅନାଭରଣ (୨୦୧୬), ନୀଳନଈ(୨୦୧୮), କଥା କାଦମ୍ବରୀ(୨୦୨୦), ଯୋଗୀ ଚରିତ(୨୦୨୨) ଆଦି ପୁସ୍ତକରେ ପ୍ରତିଫଳିତ ହୋଇଛି ତାଙ୍କ ଅନ୍ତର୍ଜୀବନର ସ୍ୱପ୍ନ ଓ ସମ୍ଭାବନା । ପ୍ରାଚୀନ ସାହିତ୍ୟ ଅଧ୍ୟୟନରେ ରୁଚି ରଖିଥିବା ଏହି କବି ତହିଁରୁ ଆହରଣ କରିଛନ୍ତି ଭାଷା ସଂସ୍କାର ଓ ଐତିହ୍ୟବୋଧ । ମଞ୍ଚ ପ୍ରତି ତାଙ୍କ ଆକର୍ଷଣ ଅପ୍ରତିରୋଧ । ତିରିଶରୁ ଊର୍ଦ୍ଧ୍ୱ ନାଟକରେ ଅଂଶଗ୍ରହଣ କରି ନିଜ ମଞ୍ଚକଳାର ସାମର୍ଥ୍ୟ ପ୍ରକଟ କରିଛନ୍ତି ଦୀନବନ୍ଧୁ। ପାଲା ପରିବେଷଣରେ ରୁଚି ରଖିଥିବା ଦୀନବନ୍ଧୁ ଦଶରୁ ଊର୍ଦ୍ଧ୍ୱ ପାଲାରେ ଗାୟକ ଭୂମିକାରେ ଅବତୀର୍ଣ୍ଣ ହୋଇ ନିଜର ପ୍ରତିଭା ପ୍ରଦର୍ଶନ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିପାରିଛନ୍ତି । ସ୍ୱରାନୁକରଣ ତାଙ୍କ ପ୍ରତିଭାର ଆଉ ଏକ ବିଶେଷ ବିଭବ । ଏକାଦିକ୍ରମେ ତିରିଶରୁ ଊର୍ଦ୍ଧ୍ୱ ବିଭିନ୍ନ ପଶୁପକ୍ଷୀ ଓ ଯାନବାହନର ସ୍ୱର ନକଲ କରି ଦେଖଣାହାରୀଙ୍କୁ ଆମୋଦିତ କରିପାରନ୍ତି । ଚିତ୍ରକର ହିସାବରେ ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରିଥିବା ଦୀନବନ୍ଧୁ ଚିତ୍ରକଳାରେ ଆନୁଷ୍ଠାନିକ ଭାବରେ ତାଲିମପ୍ରାପ୍ତ ନୁହନ୍ତି ବୋଲି କହିଲେ କେହି ବିଶ୍ୱାସ କରନ୍ତି ନାହିଁ। ପାଖାପାଖି ପାଞ୍ଚଶହ ଚିତ୍ର ଓ ସ୍କେଚ୍ ଆଙ୍କିଥିବା ଡାକ୍ତର ଦୀନବନ୍ଧୁ ସ୍ୱକୀୟ ଉଦ୍ୟମରେ ରାଜ୍ୟ ତଥା ରାଜ୍ୟ ବାହାରେ ଆୟୋଜନ କରିଛନ୍ତି ପଚିଶରୁ ଅଧିକ ଏକକ ଚିତ୍ରକଳା ପ୍ରଦର୍ଶନୀ । ଭିନ୍ନ ଭିନ୍ନ ସମୟରେ ଦିଲ୍ଲୀ, କୋଲକାତା, ହାଇଦ୍ରାବାଦ, ଧାନବାଦ, ଭୁବନେଶ୍ୱର, ପୁରୀ, ବୁର୍ଲା ଆଦି ସହରରେ ପଚିଶରୁ ଊର୍ଦ୍ଧ୍ୱ ଗୋଷ୍ଠୀ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ଦେଖାଇଛନ୍ତି ନିଜ କଳାଗତ ପାରଦର୍ଶିତା। ବୁର୍ଲା, ଭବାନୀପାଟଣା, ଗ୍ୱାଲିଅର ଆଦି ସ୍ଥାନରେ ସଙ୍ଗୀତ ଓ ଚିତ୍ରକଳା ଯୁଗଳବନ୍ଦୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଦେଖେଇଛନ୍ତି ନିଜ କୁଶଳୀ ବ୍ୟକ୍ତିତ୍ୱ ।

ନିଜ ବହୁବିଧ ପ୍ରତିଭା ପାଇଁ ସେ ଲାଭ କରିଛନ୍ତି ଅନେକ ସମ୍ମାନ ଓ ସମ୍ବର୍ଦ୍ଧନା । ନିର୍ବାଣ ସାହିତ୍ୟ ପରିଷଦ, ଜୟପୁରରୁ ଗଣେଶ ପ୍ରସାଦ ସ୍ମୃତି ସମ୍ମାନ, ବୁର୍ଲା ଉତ୍ସବରେ ବହୁମୁଖୀ ପ୍ରତିଭା ସମ୍ମାନ, କଳାହାଣ୍ଡି ଉତ୍ସବ ଚିତ୍ରମାଳା ସମ୍ମାନ, ପୁଣି ସେହି ବର୍ଷ ଚିତ୍ରନଦୀ ସମ୍ମାନ, ଫକୀର ମୋହନ ପଠନଶାଳା ତରଫରୁ ବିଶେଷ ସମ୍ମାନ, ବ୍ରହ୍ମପୁର ମହାନଗର ପୁସ୍ତକମେଳା ତରଫରୁ ଚିତ୍ରକଳା ସମ୍ମାନ, ବହୁମୁଖୀ ପ୍ରତିଭା ପାଇଁ ଉମରକୋଟର ଫକୀରମୋହନ ପଠନଶାଳା ତରଫରୁ ବିଶେଷ ସମ୍ବର୍ଦ୍ଧନା, ଧଉଳି ଅନ୍ତର୍ଜାତୀୟ କଳା ଉତ୍ସବ ତରଫରୁ ଭୁବନେଶ୍ୱର କଳା ସମ୍ମାନ, ଆସାମ ଲଳିତ କଳା କେନ୍ଦ୍ର ଦ୍ୱାରା ଆୟୋଜିତ ଅନ୍ତର୍ଜାତୀୟ କଳା ଉତ୍ସବ ତରଫରୁ ରାଜା ରବି ବର୍ମା ସ୍ୱର୍ଣ୍ଣ ପଦକ ହାସଲ ତାଙ୍କ ପ୍ରତିଭାର ବିଶେଷତ୍ୱକୁ ଉକୁଟାଏ ।

ଏସବୁର ଊର୍ଦ୍ଧ୍ୱରେ ଜଣେ ଦକ୍ଷ, ନମ୍ର ଚିକିତ୍ସକ ହିସାବରେ ତାଙ୍କର ଲୋକପ୍ରିୟତା ସର୍ବଜନବିଦିତ । ତାଙ୍କ ସର୍ଜନ ଯାତ୍ରାକୁ ସହଜ ଓ ସୁଗମ କରିବା ପାଇଁ ପ୍ରେରଣା ଭାବରେ ଠିଆ ହୋଇଛନ୍ତି ତାଙ୍କର ଧର୍ମପତ୍ନୀ ନିବେଦିତା ସାହୁ, ଯିଏ ନିଜେ ଜଣେ ନାମକରା ଚକ୍ଷୁ ଚିକିତ୍ସକ। ଡାକ୍ତରୀ ପଢୁଥିବା ଏକମାତ୍ର ପୁତ୍ର ଅମ୍ଳାନ ଅକ୍ଷୟାଂଶୁ ପିତା ଦୀନବନ୍ଧୁଙ୍କ ପ୍ରତିଭାର ନୀରବ ଏବଂ ମୁଗ୍ଧ ପ୍ରଶଂସକ ।

ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ କଳା ଓ ସଚେତନତାର ବିକାଶ, ସର୍ଜନାରେ ଆନନ୍ଦ ବିତରଣ, ସୃଷ୍ଟି ଓ ସଂରଚନା ମାଧ୍ୟମରେ ଆତ୍ମନିରୀକ୍ଷଣ ଓ ବୋଧ ଜାଗରଣକୁ ଭବିଷ୍ୟତର ପରିକଳ୍ପନାରେ ସାଇତିଥିବା ଡାକ୍ତର ଦୀନବନ୍ଧୁ ସତରେ ଜଣେ ବହୁମୁଖୀ ବିରଳ ବ୍ୟକ୍ତିତ୍ୱ।

*–ମାନମୟୀ ରଥ*
*ସେଣ୍ଟ ଜାଭିୟର୍ସ କ୍ଲିନ୍ସ, ବାଲିପୁଟ୍, ପୁରୀ*
*ମୋ:୭୯୭୮୫୭୯୩୧୯*








# ଅବୁଝା ଶବ୍ଦର ଅଭିମାନ

**-ଜ୍ୟୋତ୍ସ୍ନାରାଣୀ ଭୋଇ**

ତମେ ମନେ ପଡୁଛ
ଆଜି ଦିନ ସାରା ଛାଏଁ ଛାଏଁ
ମୁଁ ପୋଛିବାକୁ ପ୍ରସ୍ତୁତ
ହେଲେ କୋଉ ଚଟାଣରେ ପଡ଼ିଥିବା ଟା
ହେଇଛି ଯେ !
ପୋଛା ମାରିଲେ ଏକା ବେଳେ ସଫା ହେବ
ମନରୁ ।
ଏଇ ଶୀତ ଶୀତ ଭଳି ସନ୍ଧ୍ୟାରେ
ତୁମେ ତାରା ଭଳି ଉଇଁ ଆସୁଛ
ମୋ ନିର୍ମଳ ହୃଦୟରେ,
ଯେତିକି କୋଳାହଳ ସେତିକି ନୀରବତା
ମୁଁ ଯେତିକି ସ୍ଥିର ସେତିକି ଅସ୍ଥିର
ପ୍ରେମିକା ଯଦି କହିବି ତ ପାପ ନିଶ୍ଚିତ
ବନ୍ଧୁ କହିବାକୁ ମୋର ଆଦୌ ମନ ନାହିଁ ।

କିଛି କିଛି ଅବୁଝା ଶବ୍ଦ ଭିତରେ ତୁମେ ରୁହ
ମୁଁ ଫଡ ଫଡ ଓଲଟ ପାଲଟ ହୁଏ
ପୃଷ୍ଠା ପରେ ପୃଷ୍ଠା ।

ଅନେକ ଅସ୍ଥିରତା ଭିତରେ
ସ୍ଥିର ତାରାଟେ ଖସିପଡୁ ଥିବାବେଳେ
ତୁମେ ମନେପଡ଼,
ଛାତିରେ ମୋର ମୁଦ୍ରଣ ହୁଏ
ଏକ ଅଭିଧାନ ।

*-ଲାଇନପଡ଼ା, ପାଟଣାଗଡ଼,*
*ବଲାଙ୍ଗୀର*
*ମୋ: ୮୨୮୭୩୮୧୫୬୦*

# ଫାଙ୍କି

**-ମୋନାଲିସା ଦାଶ ଦ୍ୱିବେଦୀ**

ଜୀବନର ଚିତ୍ର ଆଙ୍କେ ଶବ୍ଦର ଫୁଆରାରେ
ଫଗୁଣକୁ ରଙ୍ଗ ମାଗେ ତୂଳୀର ବାହାନାରେ
ସ୍ମୃତିର ପାଉଁଶରୁ କେବେ କେବେ ସ୍ୱପ୍ନ ଜନ୍ମ ନିଏ
ସ୍ୱପ୍ନକୁ ବଞ୍ଚେଇ ରଖେ ସେ ସମ୍ଭାବନାର ଏନ୍ତୁ ।
ମନର ହାଟରେ ପ୍ରେମର ବିପଣି ଅହରହ
ଚାଲିଥାଏ
ସେ କେବଳ ନିଜକୁ ବିକୁଥାଏ ଆଉ କିଣୁଥାଏ
କବିତାରେ ଲେଖାହୁଏ କିଛି କଥା
ଆଉ କିଛି କଥା ତା' ଛାତିତଳେ ହୁତୁ ହୁତୁ
ଜଳୁଥାଏ ।
ଧୂଳିଧୂସରିତ ଶ୍ୟାମଳ ଗୋଧୂଳିରେ
ଯେବେ ହାତଯୋଡ଼ି ବିଦାୟ ଦିଏ ସେ ଅସ୍ତମିତ
ସୂର୍ଯ୍ୟଙ୍କୁ
ଠିକ୍ ସେତେବେଳେ ଆକାଶକୁ ଧୀରେ ଧୀରେ
ଓହ୍ଲେଇ ଆସୁଥାଏ ଜହ୍ନ
ହେଲେ କାହିଁକି କେଜାଣି ଆଜିକାଲି ଜହ୍ନ ବି
କବିକୁ ଦେଖି ଦୋ ଦୋ ଚିହ୍ନା ହୁଏ ।

*- ୨୪୬୬, ଏଗ୍ଲିଂଟନ୍ ଏଭେନ୍ୟୁ ନର୍ଥ*
*ଟରଣ୍ଟୋ, କାନାଡ଼ା*
*ମୋ: ୦୦୧୬୪୭୭୬୨୪୧୧୯*

# ଯୁଦ୍ଧ

**-ବିଚିତ୍ର ବିଶ୍ୱାଳ**

ଇସ୍ରାଏଲ୍ ସୈନିକମାନଙ୍କର ଛାତି ବିଦାରି ହୋଇଯାଉଥିଲା । ଆଖିରେ ଲୁହ ବୋଲ ମାନୁ ନ ଥିଲା । ଆତଙ୍କବାଦୀଙ୍କ ଆକ୍ରମଣ ପରେ ଧ୍ୱଂସ ହୋଇଯାଇଥିବା ସେହି ଘର ଭିତରୁ ଇସ୍ରାଏଲ୍‌ର ଉଦ୍ଧାରକାରୀ ସୈନିକ ଦଳ ଯେଉଁ ଆଠୋଟି ଶବ ଉଦ୍ଧାର କରିଥିଲେ, ସେଥିମଧ୍ୟରେ ଥିଲେ ତିନି ଜଣ ଶିଶୁ । ବୟସ ଏକ ବର୍ଷରୁ ପାଞ୍ଚ ବର୍ଷ ମଧ୍ୟରେ । ସେମାନଙ୍କ ଶିଶୁ ସୁଲଭ ମୁହଁର ଜ୍ୟୋତିକୁ ଲିଭେଇ ଦେଇଥିଲା ମୃତ୍ୟୁ । କ'ଣ ଥିଲା ସେମାନଙ୍କର ଦୋଷ ? ସେମାନେ ନା କେଉଁ ଦେଶକୁ ସମର୍ଥନ କରୁଥିଲେ ନା କେଉଁ ସମ୍ପ୍ରଦାୟକୁ! ନା କେଉଁ ଧର୍ମ ବିଷୟରେ ବୁଝିଥିଲେ ସେମାନେ ! କାହିଁକି ସେମାନେ ଶୋଇଗଲେ ଏମିତି ଅକାଳରେ ? ଏମିତି ପୁଳାଏ ପ୍ରଶ୍ନ ପିଟି ହେଉଥିଲା ଇସ୍ରାଏଲୀ ସୈନିକଙ୍କ ମୁଣ୍ଡରେ ଓ କ୍ରୋଧରେ ସେମାନଙ୍କ ହାତ ମୁଠା ମୁଠା ହୋଇଯାଉଥିଲା । ବନ୍ଧୁକର ଟ୍ରିଗର ଉପରେ ଶକ୍ତ ହୋଇ ଉଠୁଥିଲା ସେମାନଙ୍କ ଆଙ୍ଗୁଠି ।

ପ୍ରତିଶୋଧ ନେବା ପାଇଁ ପ୍ରସ୍ତୁତ ହେଉଥିଲା ପୂରା ଇସ୍ରାଏଲ । ଶାସକ ହୁଙ୍କାର ଛାଡ଼ିଲେ, ସମଗ୍ର ଗାଜାପଟିକୁ ଧ୍ୱଂସ କରିଦିଆଯିବ । ପ୍ରତିଶୋଧ ନିଆଁରେ ପାଗଳ ହୋଇଉଠୁଥିଲେ ସୈନିକ । ସମସ୍ତେ କାନ୍ଧେଇ ଥିଲେ ମୃତ୍ୟୁକୁ, ନେଇ ନିକ୍ଷେପି ଦେବା ପାଇଁ ଗାଜା ଉପରେ ।


ଶାସକଙ୍କ କଥାରେ ଛୁଟିଗଲେ ହଜାର ହଜାର ସୈନିକ ଗାଜା ଭିତରକୁ । ଗାଜାର ଆକାଶରେ ପଇଁତରା ମାରିଲା କ୍ଷେପଣାସ୍ତ୍ରବାହୀ ଉଡ଼ାଜାହାଜ । ଗଛରୁ ପତ୍ର ଖସିବା ପରି ଗାଜାର ଆକାଶରୁ ଖସିଲା କେବଳ ମିଶାଇଲ୍ । ଧ୍ୱଂସ ହୋଇଗଲା ଶହ ଶହ ବର୍ଷର ଘର । ଘରକରଣା । ଭୁଶୁଡ଼ି ପଡ଼ିଲା ଅଟ୍ଟାଳିକାମାନ । ପୋତି ହୋଇପଡ଼ିଲେ ତା' ଭିତରେ ମଣିଷ । ପାଲଟିଗଲେ ଶବ । ପୋତି ହୋଇପଡ଼ିଲା ସ୍ୱପ୍ନ । ପୋତି ହୋଇପଡ଼ିଲା ଭବିଷ୍ୟତ । କିଛି ଲୋକ ବୋମା ଓ କ୍ଷେପଣାସ୍ତ୍ର ବର୍ଷଣ କରୁଥିଲେ । କିଛି ଲୋକ ମରୁଥିଲେ । କିଛି ନେତା ଆଦେଶ ଦେଉଥିଲେ । ଇତିମଧ୍ୟରେ ମରୁଥିଲେ କେବଳ ମଣିଷ । ମରୁଥିଲା ମାନବିକତା ।

ପ୍ରତିଶୋଧ ନିଆଁରେ ଜଳୁଥିବା ଇସ୍ରାଏଲ୍ ଶାସକଙ୍କ ତରଫରୁ କଡ଼ା ନିର୍ଦ୍ଦେଶ ଥିଲା, ଆକ୍ରମଣ ହେଉଥିବା ଅଞ୍ଚଳରେ ଯେମିତି ଜଣେ ବି ରକ୍ଷା ପାଇ ନ ଯାଆନ୍ତି । ଭଗ୍ନସ୍ତୂପ ଭିତରେ ଶତ୍ରୁ ଲୁଚି ରହିଯିବାର ସମ୍ଭାବନା ଅଛି । ତେଣୁ ଭଗ୍ନସ୍ତୂପ ଆଡ଼େଇ ଖୋଜି ଖୋଜି ମାରିବା କାମରେ ଲାଗିଥିଲେ ସୈନିକ । ମନର ପ୍ରତିଶୋଧର ନିଆଁ ଜଳିଲେ କଥା କୁହେ କେବଳ ବନ୍ଧୁକ । ତଫାତ୍ ଦେଖାଯାଏନି ଶତ୍ରୁ ପକ୍ଷର ସୈନିକ ଓ ସାଧାରଣ ଲୋକଙ୍କ ମଧ୍ୟରେ । ଲକ୍ଷ୍ୟ ଥାଏ କେବଳ ମଣିଷଙ୍କୁ ଶବରେ ପରିଣତ କରିବା ।

ବନ୍ଧୁକ ଯୋଖି ଗୋଟେ ଧ୍ୱସ୍ତ ଅଟ୍ଟାଳିକାର ଭଗ୍ନସ୍ତୂପ ଆଡ଼େଇ ଆଡ଼େଇ ଜିଅନ୍ତା ମଣିଷ ଖୋଜି ଚାଲୁଥିଲେ ଇସ୍ରାଏଲୀ ସୈନିକ । ହଠାତ୍ କ'ଣ ଗୋଟେ ହଲ୍‌ଚଲ୍ ହେଲା ଭଙ୍ଗା ଇଟା ପଥର ତଳେ । ଆଙ୍ଗୁଠି ସତର୍କ ହୋଇଗଲା ଟ୍ରିଗର ଉପରେ ସୈନିକମାନଙ୍କର । ଏହି ମୁହୂର୍ତ୍ତରେ ଛତୁ କରିଦିଆଯିବ ଶତ୍ରୁର ମୁଣ୍ଡ । ଭାଗ୍ୟ ବଳରେ ବି ବଞ୍ଚିବାକୁ ଦିଆଯିବ ନାହିଁ କାହାକୁ । ଅତି ସତର୍କତାର ସହିତ ଇଟା ପଥର ଗଦାକୁ ଆଡ଼େଇ ଦେଲା ଜଣେ ସୈନିକ । ଅନ୍ୟମାନଙ୍କ ହାତରେ ବନ୍ଧୁକ ତୟାର । ପ୍ରଥମେ ଦେଖାଗଲା ଗୋଟେ ମାସେ କି ଦୁଇମାସର କଅଁଳ ଶିଶୁ । ତା ପାଖରେ ଜଣେ ନିଶ୍ଚଳ ମହିଳା । ବୋଧହୁଏ ଶିଶୁଟିର ମା' । ଗୋଡ ହାତ ହଲେଇ ଛୁଆଟି ଚୁଚୁମି ଚାଲିଥିଲା ମା'ର ସ୍ତନକୁ । ହଲ୍‌ଚଲ୍ ହେଉ ନ ଥିଲା ତା'ର ମା' । ବୋଧହୁଏ ମରିସାରିଥିଲା ସେ । ନିଶ୍ଚିନ୍ତରେ ମା'ର ସ୍ତନକୁ ଚୁଚୁମି ଚାଲୁଥିଲା ଶିଶୁଟି । ଶତ୍ରୁ ଭୂଖଣ୍ଡର ଶିଶୁଟି ଉଦ୍ଦେଶ୍ୟରେ ଜାଗି ଉଠିଲା କେତୋଟି ବନ୍ଧୁକ ।

ହଠାତ୍ ଜଣେ ସୈନିକ କୋଳକୁ ଟେକି ଆଣିଲା ଶିଶୁଟିକୁ । ଭେଁ କରି କାନ୍ଦି ଉଠିଲା ଶିଶୁଟି ।

*-ଭିରଙ୍ଗ, ତିରଣ, ଜଗତ୍‌ସିଂହପୁର, ମୋ: ୯୪୩୮୪୬୮୪୭୪*






ଶାହୀଦ

# ଇଂରାଜୀ ଉପନ୍ୟାସ ପଢ଼ି ନ ଥିଲେ...

ଶାହୀଦ କପୁରଙ୍କର ଅଭିନୟ ବ୍ୟତୀତ ଆଉ ଏକ ନିଶା ରହିଛି। ସେ ଅବସର ମିଳିବା ମାତ୍ରେ ବହି ବଢ଼ିବାକୁ ଭଲ ପାଆନ୍ତି। ଆଉ ସେହି ବହି ପଢ଼ା ତାଙ୍କ ଜୀବନରେ ଏକ ପରିବର୍ତ୍ତନ ଆଣିଥିଲା, ଯାହାକୁ ସେ ଏପର୍ଯ୍ୟନ୍ତ ଅନୁସରଣ କରୁଛନ୍ତି। କଥା କ'ଣ କି ସେ ଏକଦା ଏକ ଇଂରାଜୀ ଉପନ୍ୟାସ ପଢୁଥିଲେ। ସେଥିରେ କେତେକ ଲାଇନ୍ ତାଙ୍କୁ ବେଶ୍ ଅନୁପ୍ରାଣିତ କରିଥିଲା। ଆଉ ତା'ପରେ ସେ କ'ଣ କରିଥିଲେ ଜାଣନ୍ତି? ସେ ସମ୍ପୂର୍ଣ୍ଣ ଶାକାହାରୀ ପାଲଟି ଯାଇଥିଲେ। ଏ ନେଇ ଶାହୀଦ କହନ୍ତି, 'ଭଲ ତଥା ନାମୀ ଲେଖକଙ୍କ ରଚିତ ବହି ମୋତେ ପଢ଼ିବାକୁ ଭଲ ଲାଗେ। ଏଥିପାଇଁ ମୁଁ ଘରେ ଏକ ମିନି ଲାଇବ୍ରେରି ତିଆରି କରିଛି। ଆଉ ସେଥିରେ ଅନେକ ବହି ସାଇତି ରଖିଛି। ଥରେ ମୁଁ ଏକ ଇଂରାଜୀ ଉପନ୍ୟାସ ପଢୁଥାଏ। ସେଥିରେ ଭେଜିଟେରିଆନ୍ ହେଲେ ତାହା ଆମର ଦୈନନ୍ଦିନ ଜୀବନଶୈଳୀକୁ କେତେ ପ୍ରଭାବିତ କରେ ଉଲ୍ଲେଖ କରାଯାଇଥିଲା। ଆଉ ସେହି ବିଷୟ ମୋତେ ବେଶ୍ ଇନସ୍ପାୟର କରିଥିଲା। ତା'ପରେ ମୁଁ ଭେଜିଟେରିଆନ୍ ହେବାକୁ ସ୍ଥିର କରିଥିଲି।' ଶାହୀଦ କପୁରଙ୍କ ପ୍ରଥମ ସିନେମା ଥିଲା 'ଇସ୍କ ଭିସ୍କ'। ଏହାପୂର୍ବରୁ ଶାହୀଦ ପାଖାପାଖି ୧୦୦ଟି ଅଡିସନ୍‌ରେ ରିଜେକ୍ଟ ହୋଇଥିଲେ। ଆଉ ହିନ୍ଦୀ ସିନେମାରେ ନାୟକ ସାଜିବା ପୂର୍ବରୁ ଶାହୀଦ ସୁବାସ ଘାଇଙ୍କ 'ତାଲ୍' ଏବଂ ଯଶ ଚୋପ୍ରାଙ୍କ 'ଦିଲ୍ ତୋ ପାଗଲ୍ ହେ'ରେ ବ୍ୟାକଗ୍ରାଉଣ୍ଡ ଡ୍ୟାନ୍ସର ଭାବରେ ନାଚିଥିଲେ।


ପୂଜା

# ଭୁଲନ୍ତି ନାହିଁ କିଆରା

କିଆରା ଆଡଭାନୀ ଯୁଆଡେ ଗଲେ ସାଙ୍ଗରେ ଦୁଇଟି ଜିନିଷ ନେବାକୁ ଆଦୌ ଭୁଲନ୍ତି ନାହିଁ। ତାହା କ'ଣ ଜାଣନ୍ତି ? କ୍ୟାମେରା ଏବଂ ଡାଏରୀ। ଯେତେବେଳେ କୌଣସି ସୁନ୍ଦର ପ୍ରାକୃତିକ ଦୃଶ୍ୟ ସେ ଦେଖିବାକୁ ପାଆନ୍ତି ବିଳମ୍ବ ନ କରି ତାହାର ଫଟୋ ଉଠାଇ ନିଅନ୍ତି ଏବଂ ସେ ବିଷୟରେ ଡାଏରୀରେ କିଛି ଧାଡି ଲେଖିଥାଆନ୍ତି। ଏପରିକି ଶୁଟିଂରୁ ଫ୍ରି ହେବା ମାତ୍ରେ ସେ ନିକଟସ୍ଥ ମନପସନ୍ଦର ସ୍ଥାନକୁ ଯାଇ ଫଟୋ ଉଠାଇଥାଆନ୍ତି। ଏହି ଫଟୋଗୁଡିକୁ ନିଜ ସୋସିଆଲ ମିଡିଆରେ ପୋଷ୍ଟ କରିବାକୁ ବି ସେ ଭୁଲି ନ ଥାନ୍ତି। ଏ ସମ୍ପର୍କରେ କିଆରା କହନ୍ତି, 'ଏହି ଅଭ୍ୟାସ ମୋର ଏବେକାର ନୁହେଁ। ଗତ କିଛିବର୍ଷ ହେବ ମୁଁ ଫଟୋଗ୍ରାଫି ପ୍ରତି ମନ ବଳାଇଛି। ଉଠାଉଥିବା ଫଟୋଗୁଡିକୁ ଆଲବମ୍‌ରେ ରଖୁଛି। ପ୍ରାକୃତିକ ଦୃଶ୍ୟରାଜିକୁ ନେଇ ଏହି ଫଟୋଗୁଡିକୁ ନେଇ ଏକ ଫଟୋ ପ୍ରଦର୍ଶନୀ କରିବାକୁ ଆଶା ରଖିଛି।' ଅନ୍ୟପକ୍ଷରେ ନିଜ ଆକ୍ଟିଂ କ୍ୟାରିୟରକୁ ନେଇ ବେଶ୍ ସଚେତନ ସେ। ନିକଟରେ ତାଙ୍କୁ ଏକ ନୂଆ ଅଫର ମିଳିଥିଲା। କିନ୍ତୁ ଭୂମିକାଟି ପସନ୍ଦ ନ ହେବାରୁ ସେ ଏହାକୁ ହାତଛଡା କରିଛନ୍ତି।


କିଆରା

# ଯଦି ସୁଯୋଗ ମିଳେ...

ପୂଜା ହେଗ୍‌ଡେ ବଡ଼ ପରଦା ପାଇଁ ନୂଆ ନୁହନ୍ତି। ଦକ୍ଷିଣ ଭାରତୀୟ ସିନେମା ସହ ବଲିଉଡ୍‌ରେ ସେ ବେଶ୍ କେତୋଟି ଚଳଚ୍ଚିତ୍ରରେ ଅଭିନୟ କରି ସାଉଣ୍ଟି ସାରିଛନ୍ତି ଅନେକ ପ୍ରଶଂସା। କଥା କ'ଣ କି, ଆଶୁତୋଷ ଗୋଓ୍ୱାରିକରଙ୍କ ନିର୍ଦ୍ଦେଶନାରେ ନିର୍ମିତ 'ମହେଞ୍ଜୋଦାରୋ'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ୍ ମିଳିଥିଲା। ଏହି ଫିଲ୍ମର ନାୟକ ସାଜିଥିଲେ ହ୍ରିତିକ୍ ରୋଶନ। ଫିଲ୍ମଟି ବିଶେଷ ସଫଳତା ହାସଲ ନ କରିଥିଲେ ହେଁ ପୂଜାଙ୍କ ମନରେ ଏକ ଅବସୋସ ରହିଯାଇଛି। ତାହା ହେଉଛି ହ୍ରିତିକଙ୍କ ସହ ପୁଣି ଥରେ ଅଭିନୟ କରିବା। ଏ ନେଇ ପୂଜା କୁହନ୍ତି, 'ମୁଁ ଶୁଣିବାକୁ ପାଉଛି ଯେ ଏକ ନୂଆ ପ୍ରୋଜେକ୍ଟରେ ହ୍ରିତିକ ଅଭିନୟ କରିବାକୁ ଯାଉଛନ୍ତି। ହେଲେ ଏଥିରେ ତାଙ୍କର ନାୟିକା ଭୂମିକାରେ କିଏ ଅଭିନୟ କରିବେ ତାହା ଫାଇନାଲ ହୋଇନାହିଁ। ଯଦି ଏ ନେଇ ମୋତେ ଅଫର ମିଳେ ମୁଁ ମନା କରିବି ନାହିଁ। କାରଣ ହ୍ରିତିକଙ୍କ ସହ ଅଭିନୟ କରିବାର ମଜା ନିଆରା। ଏହାବାଦ ଆଶୁତୋଷ ସାର୍‌ଙ୍କ କ୍ୟାମ୍ପରେ ପୁଣି ଥରେ କାମ କରିବାକୁ ବି ଆଶା ରଖିଛି। ଏବେ ମୋ ହାତରେ ୨-୩ ଟି ତେଲୁଗୁ ଫିଲ୍ମ ଅଫର ରହିଛି। ସେଗୁଡିକର ଶୁଟିଂ ଶେଷ ହେଲେ ନୂଆ ପ୍ରୋଜେକ୍ଟ ବିଷୟରେ ଚିନ୍ତା କରିବି।' ପୂଜାଙ୍କର ଏହି ଆଶା କେବେ ପୂରଣ ହେଉଛି ତାହା ଆଗାମୀ ସମୟ ହିଁ କହିବ।

# ଅନ୍ଧପୁତୁଳି

ବେଳେବେଳେ କେହି ଦୋଷତ୍ରୁଟି କଲେ ଆମେ କହିଥାଉ-'ଆରେ, ତୋ ଆଖିକୁ ଦେଖାଯାଉନି କି ? ଅଜାଣତରେ ତ ଭୁଲ ସମସ୍ତଙ୍କର ହୁଏ। ହେଲେ ଜାଣି ଜାଣି ଯଦି ଜଣେ ଭୁଲ କରେ ତା'ର ପରିସ୍ଥିତି କ'ଣ ହୁଏ ତାହା କହିବା ଅନାବଶ୍ୟକ। ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହେବାକୁ ଯାଉଛି ନୂଆ ଓଡ଼ିଆ ସିନେମା 'ଅନ୍ଧପୁତୁଳି'। ଅନୀତା ଏଣ୍ଟରଟେନମେଣ୍ଟ ବ୍ୟାନରରେ ଏହାର ଶୁଟିଂ ଆରମ୍ଭ ହୋଇଯାଇଛି। ଖାସ୍ କଥା ହେଲା, ଏହି ଫିଲ୍ମରେ ନାୟିକା-ନାୟକଙ୍କୁ ଅଶୀ ଦଶକର ଫିଲ୍ମ ଲୁକ୍‌ରେ ଦର୍ଶକ ଦେଖିବାକୁ ପାଇବେ। । ଅନୀତା ମହାନ୍ତିଙ୍କର କାହାଣୀକୁ ଆଧାର କରି ସଂଳାପ ଏବଂ ଚିତ୍ରନାଟ୍ୟ ରଚନା କରିଛନ୍ତି ସୁରେନ୍ଦ୍ର ପୁଷ୍ପପାଳକ। ନିର୍ଦ୍ଦେଶନା ଦେଉଛନ୍ତି ବାପି ମିଶ୍ର। ଗୀତଗୁଡିକୁ ସ୍ୱର ଦେଇଛନ୍ତି ରଜତ ମିଶ୍ର। ଏହାର ବିଭିନ୍ନ ଭୂମିକାରେ ଅଭିନୟ କରିବେ ନବୀନ, ସୁଶ୍ରୀ, ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ବିନାୟକ ମିଶ୍ର, ସୁରେନ୍ଦ୍ର, ଲୋପାମୁଦ୍ରା, ସୁଶୀଲ ମିଶ୍ର ସର ଅପା ଏବଂ ଶିଶୁ କଳାକାର ତନୀଶ, ମାନିନୀ ଏବଂ ରିୟା ଆଦି ପ୍ରମୁଖ କଳାକାର।


'ଅନ୍ଧପୁତୁଳି' ଫିଲ୍ମରେ ନବୀନ-ସୁଶ୍ରୀ


ଜାହ୍ନବୀ

# ଜାହ୍ନବୀଙ୍କୁ ମିଳିଗଲା...

ଜାହ୍ନବୀ କପୁର ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ତା'ସହ ସେ ଏବେ ଯୁଆଡେ ଯାଉଛନ୍ତି କଙ୍ଗନା ରାଣାଓ୍ୱତଙ୍କ ପ୍ରଶଂସା କରିବାକୁ ଭୁଲୁ ନାହାନ୍ତି। ହେଲେ କାହିଁକି ଜାଣନ୍ତି ? ଅସଲ କଥା ହେଲା ଏକ ଆକ୍ସନ ଭୂମିକାକୁ କିପରି ତୁଲାଇବେ ସେନେଇ ଦ୍ୱନ୍ଦ୍ୱରେ ପଡ଼ିଥିଲେ ଶ୍ରୀଦେବୀ ତନୟା ଜାହ୍ନବୀ। ଏତିକି ବେଳକୁ ତାଙ୍କ ମୁଣ୍ଡକୁ ଏକ ଆଇଡିଆ ଜୁଟିଲା। ସେ ଭାବିଲେ କଙ୍ଗନାଙ୍କ ସହ ଆଲୋଚନା କରିବେ। ତା'ପରେ ବିଳମ୍ବ ନ କରି ସେ ତାଙ୍କୁ ଯୋଗାଯୋଗ କରିଥିଲେ। ଏ ସମ୍ପର୍କରେ ଜାହ୍ନବୀ କହନ୍ତି, 'ନିକଟରେ ମୁଁ ଏକ ଅନଟାଇଟଲଡ ଫିଲ୍ମ ସାଇନ୍ କରିଛି। ସେଥିରେ ମୋତେ କେତୋଟି ଆକ୍ସନ ଶଟ୍ ଦେବାକୁ ପଡିବ। ତେଣୁ ଏ ନେଇ ମୁଁ କଙ୍ଗନାଙ୍କ ସହ ଯୋଗାଯୋଗ କରି ତାଙ୍କ ପରାମର୍ଶ ଲୋଡିଥିଲି। ଆଉ ତାଙ୍କରି ଟିପ୍ସକୁ ଆଧାର କରି ମୁଁ ମୋର ଏହି ଭୂମିକାକୁ ସକସେସ୍ କରିବାକୁ ପ୍ରସ୍ତୁତି ଆରମ୍ଭ କରିଦେଇଛି। ଆଶା ରଖିଛି ଏହି ରୋଲକୁ ମୁଁ ଠିକ୍ ଭାବରେ ତୁଲାଇ ପାରିବି।' ତେବେ ଏହି ଫିଲ୍ମଟି ଜାହ୍ନବୀଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ରିଲିଜ ପରେ ହିଁ ଜଣାପଡିବ।

# ମାତ୍ର ଆଠ

ବାଣୀ କପୁରଙ୍କ ବଡ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ୨୦୧୩ରେ 'ଶୁଦ୍ଧ ଦେଶୀ ରୋମାନ୍ସ' ଚଳଚ୍ଚିତ୍ରରୁ। ଚଳିତ ବର୍ଷ ସେ ତାଙ୍କ ବଡ଼ ପରଦା କ୍ୟାରିୟରର ଦଶ ବର୍ଷ ପୂରଣ କରିଛନ୍ତି। ହେଲେ ୟା' ଭିତରେ ସେ କେତୋଟି ସିନେମାରେ ଅଭିନୟ କରିଛନ୍ତି ଜାଣନ୍ତି ? ମାତ୍ର ୮ଟି। ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କରିଥିଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ ଥିଲା। କିନ୍ତୁ ସେ ଯାହା ଆଶା କରୁଥିଲେ, ତାହା ତ ପୂରଣ ହେଲା ନାହିଁ। ତେଣୁ 'କାନ୍ଦୁଥା' ଯାହା ପାଉଛୁ ବାନ୍ଧୁଥା' ନୀତିରେ ଯେଉଁ ଅଫର ମିଳିଲା, ତାହାକୁ ହାତଛଡ଼ା କରି ନ ଥିଲେ। ନିଜ କ୍ୟାରିୟର ସମ୍ପର୍କରେ ବାଣୀ କହନ୍ତି, ''ଦଶ ବର୍ଷ ଭିତରେ ମୁଁ ମାତ୍ର ଆଠଟି ସିନେମାରେ ଅଭିନୟ କରିଛି। ଅବଶ୍ୟ ମନ ଦୁଃଖ ଲାଗୁଛି। ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ। ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ। ଯେକୌଣସି ଭୂମିକାକୁ ତୁଲାଇବାର କ୍ଷମତା ମୋ ପାଖରେ ରହିଛି। ଏପରିକି ଏ ନେଇ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିସାରିଛି। କେବଳ ସୁଯୋଗ ମିଳିଲେ ହେଲା। ସବୁଠାରୁ ବଡ କଥା ହେଲା ମୁଁ ନିଜକୁ କାହା ସହ ତୁଳନା କରେ ନାହିଁ। ଏ ପର୍ଯ୍ୟନ୍ତ ଯାହା କିଛି ଘଟିଯାଇଛି ତାହା ମୋ' ଭାଗ୍ୟର ଦୋଷ ବୋଲି କହିବି। ସେଗୁଡିକୁ ତର୍ଜମା କରି ଅନେକ କିଛି ଶିଖିଛି। ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ସବୁ ଭୂମିକା ମିଳିଛି ତାହା ମୋତେ ଶତ ପ୍ରତିଶତ ଆତ୍ମତୃପ୍ତି ଦେଇଛି।'' ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା 'ଶୁଦ୍ଧ ଦେଶୀ ରୋମାନ୍ସ', 'ଆହା କଲ୍ୟାନମ୍' (ତେଲୁଗୁ), 'ବେଫିକ୍ରେ', 'ୱାର୍', 'ବେଲ୍ ବଟମ୍', 'ଚଣ୍ଡିଗଡ଼ କରେ ଆଶିକୀ' ଏବଂ 'ଶମଶେରା'।


ବାଣୀ

# ପ୍ରଥମ ଦରମାରେ ସମସ୍ତଙ୍କୁ ଖୁସି ଦେବାକୁ ଚେଷ୍ଟା କରିଥିଲି

**ପ୍ରଥମ ରୋଜଗାର**

କଣ୍ଠଶିଳ୍ପୀ, ସଙ୍ଗୀତ ନିର୍ଦ୍ଦେଶକ ତଥା ଅଧ୍ୟାପକ ଚିଦାନନ୍ଦ ଦାସ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...



ଭୁବନେଶ୍ୱରର ଖଣ୍ଡଗିରିରେ ପୈତୃକ ଘର ହୋଇଥିଲେ ହେଁ ବାପା ଯେହେତୁ ଜଣେ ପ୍ରଶାସନିକ ଅଧିକାରୀ ଥିଲେ, ତେଣୁ ତାଙ୍କର ଚାକିରି କ୍ଷେତ୍ରରେ ବିଭିନ୍ନ ସ୍ଥାନକୁ ବଦଳି ହେଉଥିଲା । ସେହି ଅନୁଯାୟୀ, ଆମ ଭାଇଭଉଣୀଙ୍କର ପାଠପଢା ବି ବିଭିନ୍ନ ସ୍ଥାନରେ ହୋଇଥିଲା । ତେବେ ଢେଙ୍କାନାଳସ୍ଥିତ ବି.ବି. ହାଇସ୍କୁଲରୁ ମାଟ୍ରିକ ପାସ୍ କରିବା ପରେ ମୟୂରଭଞ୍ଜର କରଞ୍ଜିଆ କଲେଜରେ ଯୁକ୍ତ୨ ଏବଂ ବିଜେବି କଲେଜରେ ଯୁକ୍ତ ୩ ପଢିଥିଲି । ତା'ପରେ ହାଇଦ୍ରାବାଦ୍ ସେଣ୍ଟ୍ରାଲ୍ ୟୁନିଭର୍ସିଟିରେ ଇତିହାସରେ ପିଜି କଲି । ଏହାପରେ ରେଭେନ୍ସାରେ ଏମ୍.ଫିଲ୍ ସାରି ବ୍ରହ୍ମପୁରସ୍ଥିତ ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଇତିହାସ ଅଧ୍ୟାପକ ଭାବେ ଚାକିରିରେ ଯୋଗଦେଲି । ଏହା ଥିଲା ୨୦୧୪ ମସିହାର କଥା । ସେତେବେଳେ ୨୮ ହଜାର ଟଙ୍କା ଥିଲା ମୋ ଦରମା । ପ୍ରଥମ ମାସ ଦରମା ପାଇଲା ପରେ ପ୍ରଥମେ ମନ୍ଦିର ଯାଇ ଠାକୁରଙ୍କ ପାଖେ ପୂଜାର୍ଚ୍ଚନା କରିଥିଲି । ତା'ପରେ ବାପା, ମା', ଭାଇଭଉଣୀଙ୍କ ପାଇଁ ନୂଆ ଡ୍ରେସ୍ କିଣି ଆଣିଥିଲି । କିଛି ଗରିବ ଲୋକଙ୍କୁ ବସ୍ତ୍ରଦାନ କରିବା ସହ ନିକଟସ୍ଥ ଏକ ଅନାଥାଶ୍ରମକୁ ଗୋଟିଏ ଓଳିର ଖାଦ୍ୟ ଯୋଗାଇ ଦେଇଥିଲି । ତା'ସହିତ ଦିନେ ସମୟ ବାହାର କରି ବାପା, ମା'ଙ୍କୁ ଖୋର୍ଦ୍ଧା, ବ୍ରହ୍ମପୁରର ବିଭିନ୍ନ ସ୍ଥାନ ବୁଲାଇ ନେଇଥିଲି । ଏସବୁ ପରେ ଆଉ ଯାହା ଟଙ୍କା ବଳିଥିଲା, ସେଥିରେ ପ୍ରତିଦିନି କିଛି ନା କିଛି ସୁସ୍ୱାଦୁ ଭୋଜନ କିଣି ଖାଉଥିଲି । ଆଗରୁ ଭାବିଥିଲି, ଯେବେ ପ୍ରଥମ ଦରମା ପାଇବି, ସେଥିରେ ଏକ ଭଲ ମୋଟରସାଇକେଲ୍‌ଟିଏ କିଣିବି । କିନ୍ତୁ ଏସବୁ ଭିତରେ ପଇସା ଟିକେ ଅଧିକ ଖର୍ଚ୍ଚ ହୋଇଯିବାରୁ, ସେ ଆଶା ଆଉ ପୂରଣ ହୋଇପାରିଲା ନାହିଁ । ହେଲେ ପରବର୍ତ୍ତୀ ସମୟରେ ମୋର ସେହି ସୁପ୍ତ ଆଶାଟିକୁ ପୂରଣ କରି ବହୁତ ଖୁସି ହୋଇଥିଲି । ତେବେ ୨୦୧୬ ଯାଏ ଉକ୍ତ କଲେଜରେ ଅଧ୍ୟାପନା କରିବା ପରେ ବାରିପଦା ଏମ୍‌ପିସି କଲେଜକୁ ମୋର ବଦଳି ହୋଇଥିଲା । ତା'ପରେ ୨୦୧୯ରେ ଭଦ୍ରକ ଅଟୋନୋମସ୍ କଲେଜକୁ ବଦଳି ହେଲା ; ଯେଉଁଠାରେ ଏବେ ମୁଁ କାର୍ଯ୍ୟରତ । ଅଧ୍ୟାପନା ବ୍ୟତୀତ ସଙ୍ଗୀତ କ୍ଷେତ୍ରରେ ବି ମୋର ବିଶେଷ ରୁଚି ରହିଛି । ପିଲାଦିନେ ପ୍ରଥମେ ତବଲା ଶିଖୁଥିଲି । ତବଲାରେ ଫୋର୍ଥ ଇୟର୍ ଶେଷ କରିଛି । ଦୁଇଥର ଷ୍ଟେଟ୍ ଆୱାର୍ଡ ବି ପାଇଛି । ଏହାର କିଛିଦିନ ପରେ ସଙ୍ଗୀତ ନିର୍ଦ୍ଦେଶକ ଅମରେନ୍ଦ୍ର ମହାନ୍ତିଙ୍କ ସହାୟତାରେ ଏକ ଚଳଚ୍ଚିତ୍ରରେ କୋରସ୍ ଗାଇବାର ସୁଯୋଗ ପାଇଲି । କୋରସ୍ ଗାଇବାର ଧାରା ବେଶ୍ କିଛିଦିନ ଚାଲିବା ପରେ କ୍ରମେ ଗୀତ ଗାଇବା ପ୍ରତି ମୋର ଆଗ୍ରହ ବଢିଲା । କିନ୍ତୁ ସୁଯୋଗ ମିଳୁ ନ ଥିଲା । କରୋନା ସରିସରି ଆସିଲା ବେଳକୁ ସଙ୍ଗୀତ ନିର୍ଦ୍ଦେଶକ ଶାନ୍ତିରାଜ ଖୋସ୍‌ଲା ମୋତେ ଏକ ଆଲବମ୍‌ରେ ଗୀତ ଗାଇବାର ଅଫର୍ ଦେଲେ । ଗୀତଟି ଥିଲା 'ନା ମୁଁ ତମଠୁ ଚାହେଁ କମ୍, ନା ମୁଁ ତମଠୁ ଚାହେଁ ବେଶି' ; ଯାହାକୁ ଗୀତିକାର ଅରୁଣ ମନ୍ତ୍ରୀ ଲେଖିଥିଲେ । ବାସ୍ ତା'ପରଠୁ ଗୋଟେ ପରେ ଗୋଟେ ଗୀତ ଗାଇ ଚାଲିଲି । ୟା'ଭିତରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଗୀତ (ଉଭୟ ଭଜନ ଓ ଆଲବମ୍) ଗାଇସାରିଲିଣି । ତା'ଛଡ଼ା ୨୦୨୧ରୁ ସଙ୍ଗୀତ ନିର୍ଦ୍ଦେଶନା ଦେବା ମଧ୍ୟ ଆରମ୍ଭ କରିଛି । ୟା'ଭିତରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଗୀତରେ ନିର୍ଦ୍ଦେଶନା ଦେଇସାରିଲିଣି । ତା'ସହିତ 'ଆୟାଂଶ କ୍ରିଏଶନ୍' ନାମରେ ମୋର ଏକ ୟୁ-ଟ୍ୟୁବ୍ ଚ୍ୟାନେଲ୍ ବି ଅଛି । ଭଗବାନଙ୍କ ଆଶୀର୍ବାଦରୁ ଅଧ୍ୟାପନା ହେଉ କି ସଙ୍ଗୀତ କ୍ଷେତ୍ରରେ, ସବୁକିଛି ଠିକ୍‌ଠାକ୍ ଚାଲୁଥିବାରୁ ମୁଁ ବେଶ୍ ଖୁସି ଅଛି ।

*-ଅନ୍ୱିତା*

# ଫୁଲେଇ ରାଧିକା ଭାରି ସିଆଣି, ନିଇତି ଲେଖୁଛି ନୂଆ କାହାଣୀ

**ସାଥୀ**



**ପ୍ରଶ୍ନ**-ମୋ ସପନର ରାଣୀ ପାଖରେ ମୋ ମନ ବନ୍ଧା ପଡିଛି । ହେଲେ ସେ କେବେ ମୋତେ ମିଳିବ କହିବେ କି ସାଥୀ ?

*-ପ୍ରତ୍ୟୁଷ କୁମାର, ରାଉରକେଲା*

**ଉତ୍ତର :** ଆପଣଙ୍କ ମନ ସପନର ରାଣୀ ପାଖରେ ବନ୍ଧା ପଡିଛି । ହେଲେ ସେ କେବେ ଆପଣଙ୍କୁ ମିଳିବ ଜାଣିପାରୁନାହାନ୍ତି । ବାସ୍, ଅପେକ୍ଷା କରନ୍ତୁ ନା ! କାରଣ ଅପେକ୍ଷାର ଫଳ ସବୁବେଳେ ମିଠା ହୋଇଥାଏ । 'ଫୁଲେଇ ରାଧିକା ଭାରି ସିଆଣି, ନିଇତି ଲେଖୁଛି ନୂଆ କାହାଣୀ' । ସେହି ନୂଆ କାହାଣୀରେ ଆପଣଙ୍କ ପ୍ରେମର ଅସଲ ମଜା ଲୁଚି ରହିଛି ।

**ପ୍ରଶ୍ନ**-ମୋ ପ୍ରେମିକା କଥା ଭାବି ଭାବି ଦିନ ବିତି ଯାଉଛି । ହେଲେ ମୋର ଏହି ଅଧା ସପନ କେବେ ପୂରଣ ହେବ ଜାଣିପାରୁନାହିଁ ।

*-ଦିନେଶ ରାଉତ, ବଲାଙ୍ଗିର*

**ଉତ୍ତର :** ଯାହାକୁ ମନକୁ ମନ ଭଲ ପାଇ ବସିଛନ୍ତି ତା' କଥା ଭାବି ଦିନ ବିତିଯାଉଛି । 'ଅଧୁରା କଥା ଅଥୟ ମନ, ଭାବନାରେ ବିତି ଯାଉଛି ଦିନ ।' ପ୍ରେମର ନିଶା ଥରେ ଘାରିଲେ ଭଲ ମନ୍ଦ ଜଣାପଡି ନ ଥାଏ । ଏହି ରାସ୍ତାରେ ପାଦ ଦେବା ପୂର୍ବରୁ ପ୍ରତିଟି କଥାକୁ ଆଦୌ ହାଲ୍‌କା ଭାବରେ ନିଅନ୍ତୁ ନାହିଁ । ତେଣୁ ସେହି ଭାବନା ରାଇଜରୁ ଯେତେ ଶୀଘ୍ର ନିଜକୁ ଦୂରେଇ ନିଅନ୍ତୁ । ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି ତା' ବିଷୟରେ ଯଦି କିଛି ଜାଣିଛନ୍ତି ତେବେ ତାହାକୁ ଆଧାର କରି ସବିଶେଷ ତଥ୍ୟ ସଂଗ୍ରହ କରନ୍ତୁ । ଯଦି ମନ ମାନିଲା ତେବେ ଆପଣଙ୍କ ମନର ମାନସୀକୁ ମନର କଥା କହି ଦିଅନ୍ତୁ । ପାଣିପାଗ ଯଦି ଠିକ୍ ରହେ, ତେବେ ଆପଣଙ୍କ ମନ ଥୟ ହୋଇଯିବ ଏବଂ ତା'ପରେ କେବଳ ଧାଡି ଦେଖି ମାଡିଯିବା କଥା ।

**ପ୍ରଶ୍ନ**-ମୋ ପ୍ରଥମ ପ୍ରେମକୁ ମୁଁ ଭୁଲି ପାରୁନି । ସେ ସିନା ମୋତେ ଧୋକା ଦେଇ ଚାଲି ଗଲା । ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି । ଏ ନେଇ ଆଗେଇବା ଠିକ୍ ହେବ ତ ?

*-ପ୍ରମୋଦ, ଜଗତସିଂହପୁର*

**ଉତ୍ତର :** ଏଣେ ପ୍ରଥମ ପ୍ରେମକୁ ଭୁଲି ପାରୁନାହାନ୍ତି । ସେପଟେ ଉଲ୍ଲେଖ କରିଛନ୍ତି ଯେ ଆଉ ଥରେ ପ୍ରେମ ନଈରେ ବୁଡ ପକାଇବାକୁ ମନ କଲେଣି । ଏପରି ଦୁଇ ନାଆରେ ଗୋଡ ଦେଲେ କିଛି ଲାଭ ହେବ ନାହିଁ । ପ୍ରଥମେ ନିଜ ମନକୁ ନିର୍ମଳ ରଖନ୍ତୁ । ଯେଉଁ ପ୍ରେମରେ ଧୋକା ଖାଇଥିଲେ ସେଭଳି ପ୍ରେମକୁ ଯଦି ସବୁବେଳେ ମନେ ପକାଇବେ ତେବେ ତାହ ମନ ଭିତରେ ସେମିତି ଦୁକୁ ଦୁକୁ ହୋଇ ଜଳୁଥିବ ଆଉ ତାହାର ପ୍ରଭାବରେ ନା ଆପଣ ଆଗକୁ ଯିବେ ନା ସେହି ପ୍ରେମକୁ ଭୁଲିପାରିବେ । ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ । ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ଏମିତିକା ପ୍ରେମିକାଟିଏ ଖୋଜନ୍ତୁ ଯିଏ ସାରା ଜୀବନ ଆପଣଙ୍କ ପାଖରେ ରହିଥିବ ।

**ପ୍ରଶ୍ନ**-ଜଣେ ସାଙ୍ଗ କଥାରେ ପଡି ଯେଉଁ ଝିଅକୁ ପ୍ରେମ କଲି ସେ ମୋତେ ଅଧା ବାଟରେ ଏମିତି ନାମ ଦେଲା ଯେ ଆଉ ପ୍ରେମ କରିବାକୁ ମନ ହେଉନାହିଁ । ମୁଁ ମୋ ମନକୁ କେମିତି ବଦଳାଇବି କହିବେ କି ସାଥୀ ?

*-ବିବେକ ସାହୁ, ପୁରୀ*

**ଉତ୍ତର :** କାହା ବୁଦ୍ଧିରେ ପଡି ପ୍ରେମ କଲେ ଏମିତି ପରିସ୍ଥିତିର ସାମନା କରିବାକୁ ପଡିଥାଏ । ଆପଣଙ୍କ ସାଙ୍ଗର ସଜେସନକୁ ଭଲ ଭାବରେ ପରଖି ନେବାର ଥିଲା । ତାଙ୍କ କଥାରେ ପଡି ଆଗ ପଛ ବିଚାର ନ କରି ଆଗେଇ ଗଲେ । ଆଉ ଅଧା ବାଟରେ ଏମିତି ବୁଦ୍ଧି ଶିଖିଲେ ଯେ ତାହାକୁ ବାଉଳି ହେଉଛନ୍ତି । କଥାରେ ଅଛି 'ଗତସ୍ୟ ଶୋଚନା ନାସ୍ତି' । ତେଣୁ ସେପରି ପ୍ରେମକୁ ଯେତେ ଶୀଘ୍ର ମନରୁ ପାଶୋରି ପକାଇ ନୂଆ ପ୍ରେମ ବିଷୟରେ ଚିନ୍ତା କରନ୍ତୁ ନା !

**ପ୍ରଶ୍ନ**-ପ୍ରେମ କରିବା ପୂର୍ବରୁ ଅନେକ ଝିଅ ଲାଜ କରନ୍ତି କାହିଁକି ?

*-ତନ୍ମୟ ଦାସ, ଜଗତସିଂହପୁର*

**ଉତ୍ତର :** ଲାଜେଇ ଝିଅର ଆଖିରେ ପ୍ରେମ ଭରି ରହିଥାଏ । ଆଉ ସେଥିରେ ହିଁ ପ୍ରେମର ଅସଲ ମଜା ଲୁଚି ରହିଥାଏ । ତେଣୁ ତା' ଲାଜକୁ ନେଇ ଆପଣ ଯଦି ଲାଜରେ ଝାଉଁଳି ପଡିଲେ ତେବେ ପ୍ରେମ କେମିତି ହେବ କହୁନାହାନ୍ତି ? ସେହି ଲାଜକୁ ଭଲ ଭାବରେ ତର୍ଜମା କରନ୍ତୁ । ଯଦି ସେଥିରୁ ପ୍ରେମର ସୂରାକ ପାଇଲେ ତେବେ ଡେରି ନ କରି ବହି ଫିଟ୍ କରିଦିଅନ୍ତୁ ।

# ମେନ୍ସ ୱିଣ୍ଟର ଫ୍ୟାଶନ







**ଶୀତଦିନେ ୱିଣ୍ଟର ଫ୍ୟାଶନକୁ ନେଇ ପୁରୁଷଙ୍କ ଭିତରେ ଅନେକ କ୍ରେଜ୍ ଦେଖିବାକୁ ମିଳେ। ତେବେ ଏଠାରେ ଅଲ୍ ଟାଇମ୍ ଫ୍ୟାଶନରେ ରହୁଥିବା କିଛି ୱିଣ୍ଟର୍ ଆଉଟ୍‌ଫିଟ୍ ସମ୍ପର୍କରେ ଉଲ୍ଲେଖ କରାଗଲା; ଯାହାକୁ ଶୀତଦିନେ ପୁରୁଷମାନେ ଆରାମରେ କ୍ୟାରି କରି ଷ୍ଟାଇଲିଶ୍ ଲୁକ୍ ପାଇପାରିବେ...**

* **ଟ୍ରେଞ୍ଚ କୋଟ୍:** ଏହା ପୁରୁଷଙ୍କୁ ସ୍ମାର୍ଟ ଲୁକ୍ ଦେବା ସହ ଶୀତରେ ଉଷ୍ମତାର ଅନୁଭବ ଦେଇଥାଏ। କାଜୁଆଲ୍ ତଥା ଫର୍ମାଲ୍ ଲୁକ୍ ପାଇଁ ଏହା ବେଷ୍ଟ ଅପ୍ସନ ହୋଇଥାଏ।

* **କ୍ଲାସିକ୍ ଲେଦର୍ ଜ୍ୟାକେଟ୍:** ଲେଦର୍‌ର ଫ୍ୟାଶନ ସବୁବେଳେ ରହିଥାଏ। ସମୟ ଯେତେ ବଦଳିଲେ ବି ଏହାର ଚାହିଦାରେ କିଛି ଫରକ୍ ପଡେନାହିଁ। ଖାସ୍‌କରି ଯୁବପିଢି ଏହାକୁ ଅଧିକ ପସନ୍ଦ କରିଥାନ୍ତି। ୱେଷ୍ଟର୍ନ ହେଉ ଅବା ଇଣ୍ଡିଆନ୍ ଏପରିକି ସ୍ପୋର୍ଟି ଲୁକ୍ ପାଇଁ ବି ଏହି ଜ୍ୟାକେଟ୍‌କୁ ଆରାମରେ କ୍ୟାରି କରିହୁଏ। ତେବେ ଭିନ୍ନ ଭିନ୍ନ ରଙ୍ଗରେ ଲେଦର୍ ଜ୍ୟାକେଟ୍ ଉପଲବ୍ଧ ହେଉଥିଲେ ହେଁ ଖାସ୍ କରି କଳା ରଙ୍ଗର ଲେଦର୍ ଜ୍ୟାକେଟ୍‌କୁ ଯେ କୌଣସି ଆଉଟ୍‌ଫିଟ୍ ସହ ପେୟାର୍ କରି ଷ୍ଟାଇଲିଶ୍ ଲୁକ୍ ପାଇହୁଏ।

* **ଏଥେନିକ୍ ୱିଣ୍ଟର୍ ୱେର୍:** ଶୀତଦିନେ ବାହାଘର ସିଜନ୍ ବି ଆରମ୍ଭ ହୋଇଯାଏ। ଆଉ ସେଥିପାଇଁ ଏଥେନିକ୍ ଲୁକ୍‌ର ଆବଶ୍ୟକତା ପଡ଼େ। ଏହି ଅବସରରେ ପୁରୁଷମାନେ ଚିକନ୍‌କାରୀ କୁର୍ତ୍ତା-ପାଇଜାମା ସହ ମ୍ୟାଚିଂ ନେହେରୁ ଜ୍ୟାକେଟ୍ ଟ୍ରାଏ କରିପାରିବେ ଅବା କୁର୍ତ୍ତା-ପାଇଜାମା ସହ କାନ୍ଧରେ ପଶମିନା ଶାଲ୍ ହେଉ ଅବା ମ୍ୟାଚିଂ ମୋନୋକ୍ରୋମ୍ ଶାଲ୍ ପକାଇ ଭିନ୍ନ ଲୁକ୍ ସହ ଏଥେନିକ୍ ୱିଣ୍ଟର୍ ଲୁକ୍ ପାଇପାରିବେ।

* **ଅଲ୍ ଟାଇମ୍ ହିଟ୍ ସ୍ୱେଟର୍:** ଶୀତଦିନେ ଶର୍ଟ ଷ୍ଟାଇଲ୍ ସ୍ୱେଟର୍‌ଠାରୁ ଆରମ୍ଭ କରି ଓଭର୍ ସାଇଜ୍ ସ୍ୱେଟର୍ ପର୍ଯ୍ୟନ୍ତ ସବୁ ପ୍ରକାରର ସ୍ୱେଟରର ଡିମାଣ୍ଡ ରହିଥାଏ। ସମୟାନୁସାରେ ଫ୍ୟାଶନ୍ ଟ୍ରେଣ୍ଡ୍‌ରେ ଅନେକ ପରିବର୍ତ୍ତନ ଆସୁଥିଲେ ହେଁ ସ୍ୱେଟର୍‌ର ଚାହିଦା କେବେ କମେ ନାହିଁ। ଖାସ୍ ସେଥିପାଇଁ ପ୍ରତିବର୍ଷ ଶୀତଦିନେ ମାର୍କେଟ୍‌ରେ ବିଭିନ୍ନ ପ୍ରକାରର ଆକର୍ଷଣୀୟ ଡିଜାଇନ୍‌ର ସ୍ୱେଟର୍ ବିକ୍ରି ହୋଇଥାଏ, ଯାହାକୁ ପୁରୁଷମାନେ ଚାହିଁଲେ ଉଭୟ ୱେଷ୍ଟର୍ନ ହେଉ ଅବା ଇଣ୍ଡିଆନ୍ ଆଉଟ୍‌ଫିଟ୍ ସହ ମ୍ୟାଚିଂ କରି ପିନ୍ଧି ସ୍ମାର୍ଟ ଲୁକ୍ ପାଇପାରିବେ।

* **ସ୍ୱେଟ୍ ଶାର୍ଟ:** ହାଲୁକା ଶୀତରେ ସ୍ୱେଟ୍‌ଶାର୍ଟ ପିନ୍ଧିବାର ମଜା ହିଁ କିଛି ଅଲଗା। ଏହାର ମାଟେରିଆଲ୍ ଲାଇଟ୍ ୱେଟ୍‌ର ହୋଇଥିବାରୁ ପିନ୍ଧିବାକୁ ବେଶ୍ କମ୍ଫର୍ଟେବଲ୍ ଲାଗେ। ବିଶେଷକରି ବ୍ଲୁ, ଗ୍ରେ, ମେରୁନ୍ ତଥା ବ୍ଲାକ୍ କଲର୍‌ର ସ୍ୱେଟ୍ ଶାର୍ଟ ପୁରୁଷଙ୍କୁ ବେଶ୍ ମାନିଥାଏ।

* **ୱିଣ୍ଟର କ୍ୟାପ୍:** ଷ୍ଟାଇଲିଶ୍ ଲୁକ୍ ସହ ଶରୀରକୁ ଶୀତଦାଉରୁ ରକ୍ଷା କରିବା ପାଇଁ କେବଳ ଆକର୍ଷଣୀୟ ଆଉଟ୍‌ଫିଟ୍ କିମ୍ବା ୱିଣ୍ଟର ୱେର୍ ପିନ୍ଧିଦେଲେ ତ ହେବନି, ମୁଣ୍ଡକୁ ସୁରକ୍ଷା ଦେବା ପାଇଁ ୱିଣ୍ଟର୍ କ୍ୟାପ୍‌ର ବି ଆବଶ୍ୟକତା ପଡ଼େ। ଖାସ୍‌କରି ବେନି କ୍ୟାପ୍, କଲର୍-ବ୍ଲକ୍ ଫେଡୋରା କ୍ୟାପ୍, ଲେଦର୍ ଷ୍ଟାଇଲ୍ ଫାବ୍ରିକ୍ କ୍ୟାପ୍ ଭଳି ଟ୍ରେଣ୍ଡି ୱିଣ୍ଟର୍ କ୍ୟାପ୍‌ର ଏବେ ଖୁବ୍ ଚାହିଦା ଥିବା ଦେଖିବାକୁ ମିଳୁଛି।

* **ମଫଲର୍:** ୱିଣ୍ଟର କ୍ୟାପ୍ ବଦଳରେ ପୁରୁଷମାନେ ଚାହିଁଲେ ମଫଲର୍ କ୍ୟାରି କରି ବି କ୍ଲାସି ଲୁକ୍ ପାଇପାରିବେ।

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ସଞ୍ଜୀବ

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ଫେଭରେଟ୍

ବୟଫ୍ରେଣ୍ଡ ଗର୍ଲଫ୍ରେଣ୍ଡକୁ: ମତେ ତୁମ ଦାନ୍ତ ବହୁତ ଭଲ ଲାଗେ।
ଗର୍ଲଫ୍ରେଣ୍ଡ: ସତ!
ବୟଫ୍ରେଣ୍ଡ: ହଁ।
ଗର୍ଲଫ୍ରେଣ୍ଡ: କାହିଁକି?
ବୟଫ୍ରେଣ୍ଡ: କାରଣ ମୋର ଫେଭରେଟ୍ କଲର୍ ହେଉଛି ୟେଲୋ।

## ଚ୍ୟାନେଲ୍

ଗଣିତ ଶିକ୍ଷକ ଗୋଲୁକୁ- କହିଲୁ ଦେଖି ୨,୪,୬,୧୦ କ'ଣ?
ଗୋଲୁ- ସାର୍ ସେଗୁଡ଼ିକ ହେଉଛି କାର୍ଟୁନ ନେଟୱର୍କ, ନିକ୍, ପୋଗୋ ଓ ହଙ୍ଗାମା।
ଶିକ୍ଷକ- କ'ଣ କହିଲୁ ବୁଝିପାରିଲିନି।
ଗୋଲୁ- ସାର୍ କାର୍ଟୁନ୍ ଚ୍ୟାନେଲ୍ ନମ୍ବର।

## ସାୟା

ଗର୍ଲଫ୍ରେଣ୍ଡ: ମୁଁ ତୁମକୁ ଏତେ ଭଲ ପାଏ ଯେ, ତୁମକୁ ଛାଡି ଗୋଟେ ସେକେଣ୍ଡ ରହିପାରିବିନି।
ବୟଫ୍ରେଣ୍ଡ: ସତ?
ଗର୍ଲଫ୍ରେଣ୍ଡ: ହଁ, ତୁ ଜହାଁ ଜହାଁ ଚଲେଗା ମେରା ସାୟା ସାଥ ହୋଗା....। ଛାଇ ପରି ତୁମ ପାଖେ ପାଖେ ରହିବି।
ବୟଫ୍ରେଣ୍ଡ: ମତେ ପ୍ରଥମରୁ ଲାଗୁଥିଲା ତୁ ଭୁତୁଣୀ ବୋଲି। ଆଉ ଏବେ କନ୍‌ଫର୍ମ ହେଇଗଲି।

# ଐତିହାସିକ ସହର ଓରଛା







ମଧ୍ୟପ୍ରଦେଶର ନିୱାରି ଜିଲା ଅନ୍ତର୍ଗତ ଏକ ଐତିହାସିକ ସହର ହେଉଛି ଓରଛା । ବ୍ୟବସାୟ, ବାଣିଜ୍ୟ ହେଉ ଅବା ଶିକ୍ଷାଦୀକ୍ଷା କ୍ଷେତ୍ରରେ ଏହି ସହରର ରହିଛି ବେଶ୍ ନାଁ । ଏପରିକି ପର୍ଯ୍ୟଟନ ଦୃଷ୍ଟିକୋଣରୁ ମଧ୍ୟ ଏହା କୌଣସି ଗୁଣରେ କମ୍ ନୁହେଁ । ସେଥିପାଇଁ ବର୍ଷକ ବାରମାସ ଏଠାରେ ପର୍ଯ୍ୟଟକଙ୍କର ଗହଳି ଦେଖିବାକୁ ମିଳେ...

ମଧ୍ୟପ୍ରଦେଶ ନିୱାରି ଜିଲାର ଏକ ଐତିହାସିକ ସହର ଭାବେ ଓରଛା ପରିଚିତ । ପର୍ଯ୍ୟଟନ ହେଉ ଅବା ଅର୍ଥନୀତି କିମ୍ବା ଶିକ୍ଷା ସବୁ କ୍ଷେତ୍ରରେ ଏହାର ନିଜସ୍ୱ ଏକ ପରିଚୟ ରହିଛି । ଇତିହାସ ପୃଷ୍ଠା ଲେଉଟାଇଲେ ଜଣାଯାଏ ଯେ ୧୫୩୧ ମସିହାରେ ବୁନ୍ଦେଲା ରାଜପୁତ୍ ରାଜା ରୁଦ୍ର ପ୍ରତାପ ସିଂଙ୍କ ଦ୍ୱାରା ଏହି ସହରଟି ଗଢିଉଠିଥିଲା । ଆଉ ପରବର୍ତ୍ତୀ ସମୟରେ ସିଏ ହେଲେ ଓରଛାର ପ୍ରଥମ ରାଜା । ତାଙ୍କ ଦ୍ୱାରା ଓରଛା ଦୁର୍ଗ ବି ନିର୍ମିତ ହେଲା ଏବଂ ତାଙ୍କ ରାଣୀ ତିଆରି କଲେ ଚର୍ତୁଭୁଜ ମନ୍ଦିର । ଏହାପରେ ଯେତେବେଳେ ରାଜା ମଧୂକର ଶାହ ଓରଛାର ଶାସନଭାର ନିଜ ହାତକୁ ନେଲେ, ସେ ଏଠାରେ ଏକ ମନ୍ଦିର ନିର୍ମାଣ କଲେ ; ଯାହାର ନାଁ ହେଲା ରାମ ରାଜା ମନ୍ଦିର । କୁହାଯାଏ, ଏହି ରାମ ରାଜା ମନ୍ଦିର ହେଉଛି ଏଠାକାର ଏକ ପ୍ରମୁଖ ଆଧ୍ୟାତ୍ମିକ ପୀଠ ।

**କ'ଣ ଦେଖିବେ:** ଓରଛାରେ ଏକାଧିକ ପ୍ୟାଲେସ, ଦୁର୍ଗ ଓ ମନ୍ଦିର ଥିବାର ଦେଖିବାକୁ ମିଳିଥାଏ । ଯେମିତିକି ଚର୍ତୁଭୁଜ ମନ୍ଦିର, ଜାହାଙ୍ଗିର ମହଲ, ରାଜା ମହଲ, ଲକ୍ଷ୍ମୀ ମନ୍ଦିର, ରାମ ରାଜା ମନ୍ଦିର, ଓରଛା ଦୁର୍ଗ, ପୁରୁଣା ମନ୍ଦିର ଇତ୍ୟାଦି ପ୍ରମୁଖ । ସେହିପରି ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଓରଛାରେ ଅନେକ ଛୋଟ ବଡ଼ ଆମ୍ୟୁଜ୍‌ମେଣ୍ଟ ପାର୍କ ବି ରହିଛି ; ଯାହାର ଆକର୍ଷଣୀୟ ସୌନ୍ଦର୍ଯ୍ୟ ଆଗନ୍ତୁକଙ୍କୁ ବେଶ୍ ଆକର୍ଷିତ କରିଥାଏ । ଏହାଛଡ଼ା ଏହି ସହରଟି ବେତୱା ନାମକ ଏକ ନଦୀ କୂଳରେ ଗଢିଉଠିଥିବାରୁ ନଦୀର ସୌନ୍ଦର୍ଯ୍ୟ ବି ପର୍ଯ୍ୟଟକଙ୍କୁ ବେଶ୍ ଆନମନା କରିଥାଏ । କହିବାକୁ ଗଲେ ପର୍ଯ୍ୟଟକ ଓରଛା ବୁଲିଆସିଲେ ଏଠାରେ ଥିବା ଦୁର୍ଗ, ମହଲ ତଥା ଅନ୍ୟାନ୍ୟ ପର୍ଯ୍ୟଟନସ୍ଥଳୀଗୁଡ଼ିକ ସେମାନଙ୍କୁ ଅନେକ ନିଆରା ଅନୁଭୂତି ପ୍ରଦାନ କରିବ, ଏଥିରେ ସନ୍ଦେହ ନାହିଁ ।


**ରାମ ରାଜା ମନ୍ଦିରର ଇତିହାସ:** ଯେହେତୁ ରାମ ରାଜା ମନ୍ଦିର ହେଉଛି ଏଠାକାର ଏକ ପ୍ରମୁଖ ମନ୍ଦିର, ତେଣୁ ଏହାକୁ ନେଇ ଅନେକ ଲୋକକଥା ଶୁଣିବାକୁ ମିଳେ । ଯେମିତିକି: ପ୍ରଭୁ ଶ୍ରୀ ରାମ ହେଉଛନ୍ତି ଓରଛା ସହରର ଆରାଧ ଦେବତା । କହିବାକୁ ଗଲେ ଅଯୋଧ୍ୟା ପରେ ଓରଛା ହେଉଛି ଏମିତି ଏକ ସ୍ଥାନ, ଯେଉଁଠାରେ ପ୍ରଭୁ ଶ୍ରୀରାମଙ୍କୁ ରାଜା ବୋଲି ସମସ୍ତେ ମାନିଥାନ୍ତି ଆଉ ଭକ୍ତି କରିଥାନ୍ତି । କାରଣ ବିଶ୍ୱାସ ରହିଛି ଯେ, ରାଜା ମଧୂକର ଶାହ ଯେତେବେଳେ ଓରଛାର ରାଜା ଥିଲେ, ତାଙ୍କ ପତ୍ନୀ ପ୍ରଭୂ ଶ୍ରୀରାମଙ୍କୁ ଖୁବ୍ ଭକ୍ତି କରୁଥିଲେ । ଏମିତିକି ଥରେ ଏକ ସର୍ତ୍ତରେ ରାଣୀଙ୍କ ଠାରୁ ହାରିଯିବା ପରେ ତାଙ୍କରି ଖୁସି ପାଇଁ ଏବଂ ପ୍ରଭୁ ଶ୍ରୀରାମଙ୍କୁ ଆରାଧ ଦେବତା ଭାବେ ଗ୍ରହଣ କରିବାକୁ ସେ ଏଠାରେ ଏକ ମନ୍ଦିର ନିର୍ମାଣ କଲେ । ଯାହାର ନାଁ ପରବର୍ତ୍ତୀ ସମୟରେ ରାମ ରାଜା ମନ୍ଦିର ଭାବେ ଖ୍ୟାତି ପାଇବାକୁ ଲାଗିଲା । ଆଉ ସେବେଠାରୁ ଏଠାକାର ଲୋକେ ପ୍ରଭୁ ଶ୍ରୀରାମଙ୍କୁ ସର୍ବସ୍ୱ ବୋଲି ମାନିନେଇ ତାଙ୍କୁ ହିଁ ଭକ୍ତିର ସହ ପୂଜାର୍ଚ୍ଚନା କରିବାକୁ ଲାଗିଲେ । ତେଣୁ ଏଠାକୁ ବୁଲି ଆସୁଥିବା ଭକ୍ତ ଏହି ମନ୍ଦିରକୁ ବୁଲିଯିବାକୁ କେବେ ବି ଭୁଲି ନଥାନ୍ତି ।

### କ'ଣ କିଣିବେ

ପର୍ଯ୍ୟଟକ ଏଠାରୁ ଅନେକ ଆଧ୍ୟାତ୍ମିକ ପୁସ୍ତକ କିଣି ଆଣିପାରିବେ । ତା'ସହିତ ଇତିହାସ ସମ୍ବନ୍ଧୀୟ ଅନେକ ତଥ୍ୟ ବି ଏଠାରୁ ପାଇପାରିବେ ।


### କେବେ ଓ କେମିତି ଯିବେ

ପର୍ଯ୍ୟଟନ ଦୃଷ୍ଟିକୋଣରୁ ଦେଖିଲେ, ଓରଛାକୁ ବର୍ଷର ଯେ କୌଣସି ସମୟରେ ବୁଲି ଯାଇହେବ । କିନ୍ତୁ ପାଣିପାଗ ସୂଚନାକେନ୍ଦ୍ରର ମତାନୁଯାୟୀ, ବର୍ଷାଦିନକୁ ଛାଡି ବାକି ଅନ୍ୟ ଯେ କୌଣସି ସମୟରେ ଏଠାକୁ ବୁଲିଗଲେ ଭରପୂର ମଜା ନେଇହେବ । ସେହିପରି ଓରଛା ଯିବାପାଇଁ ଗମନାଗମନର ମଧ୍ୟ ବେଶ୍ ଭଲ ସୁବିଧା ରହିଛି । ଗ୍ୱାଲିୟର୍ ଏୟାରପୋର୍ଟ ଏବଂ ଖଜୁରାହୋ ଏୟାରପୋର୍ଟ ହେଉଛି ଓରଛାର ଦୁଇ ନିକଟବର୍ତ୍ତୀ ବିମାନବନ୍ଦର । ଏହାଛଡ଼ା ଓରଛା ଯିବାପାଇଁ ଟ୍ରେନ୍ ଓ ବସ୍‌ର ମଧ୍ୟ ସୁବିଧା ଉପଲବ୍ଧ ଅଛି । ତେଣୁ ପର୍ଯ୍ୟଟକଙ୍କୁ ଯେଉଁଥିରେ ସୁବିଧା ସେଥିରେ ଯାଇ ଆରାମରେ ଓରଛାରେ ପହଞ୍ଚି ବୁଲାବୁଲି କରିପାରିବେ ।



# କାଗଜ କଥା

ଆମେ ସାରା ପୃଥିବୀର ଇତିହାସ କାଗଜରୁ ପଢି ଜାଣୁ। ହେଲେ ସେଇ କାଗଜର ଇତିହାସ କ'ଣ ଜାଣନ୍ତି କି ? ଏହାକୁ କେବେ, କିଏ ଓ କେମିତି ଆବିଷ୍କାର କରିଥିଲେ ଜାଣିବା ସେ ସମ୍ପର୍କରେ..



ପୂର୍ବେ ଯେବେ କାଗଜ ଆବିଷ୍କାର ହୋଇନଥିଲା ସେତେବେଳେ ଲେଖନ କାର୍ଯ୍ୟ ପାଇଁ ତାଳପତ୍ରର ବ୍ୟବହାର ହେଉଥିଲା। ଏହାଛଡ଼ା କାଠ, ତାମ୍ରପତ୍ର ଓ ଶୀଳାରେ ବି ଲେଖା ଯାଉଥିଲା। କାଗଜର ଇତିହାସ ସମ୍ପର୍କରେ ଏମିତିରେ ଐତିହାସିକମାନେ ନାନା ମତ ଦିଅନ୍ତି। ତେବେ ପୁରାତନ ଇଜିପ୍ଟରେ ସାଇପେରସ୍ ପାପିରସ୍ ନାମକ ଗଛରୁ କାଗଜ ପରି ବସ୍ତୁ ତିଆରି କରାଯାଉଥିବା ତଥ୍ୟ ରହିଛି, ଯାହାକୁ କି ଲେଖିବା ଲାଗି ବ୍ୟବହାର କରାଯାଉଥିଲା। ଖ୍ରୀଷ୍ଟର ୧୪୦୦ ବର୍ଷ ପୂର୍ବେ ଏହାକୁ ଲେଖନ କାର୍ଯ୍ୟ ପାଇଁ ବ୍ୟବହାର କରାଯାଉଥିବା କୁହାଯାଏ। ଆଉ 'ପାପିରସ୍'ରୁ 'ପେପର' ଶବ୍ଦ ବି ଉଦ୍ଧୃତ ହୋଇଛି। ତେଣୁ ଇଜିପ୍ଟରେ ସର୍ବପ୍ରଥମେ କାଗଜ ତିଆରି ହୋଇଥିବା ବିଶ୍ୱାସ କରାଯାଏ। ଅନ୍ୟପକ୍ଷେ ଆଉ କେତେକ ଐତିହାସିକଙ୍କ ମତରେ ଖ୍ରୀ.ପୂ. ୨୦୨ରେ ହାନ ବଂଶର ଶାସନ କାଳରେ କାଗଜର ଆବିଷ୍କାର ଚାଇନାରେ କାଇ ଲୁନ କରିଥିଲେ। ଏହା ପୂର୍ବରୁ ଏଠାରେ ଲେଖିବା କାମ ପାଇଁ ବାଉଁଶ ଓ ରେଶମରେ ତିଆରି କପଡ଼ାକୁ ବ୍ୟବହାର କରାଯାଉଥିଲା। ହେଲେ ବାଉଁଶ ଓ ରେଶମ କପଡ଼ାରେ ତିଆରି କାଗଜ ବହୁତ ମହଙ୍ଗା ଓ ଓଜନିଆ ହେଉଥିଲା। କାରଣ ରେଶମ ବହୁତ ମହଙ୍ଗା ହେବା ବେଳେ ବାଉଁଶ ଅଧିକ ଭାରି ଥିଲା। ତେଣୁ କାଇ ଲୁନ ଚିନ୍ତା କରିଥିଲେ କିଭଳି ଶସ୍ତା ଓ ହାଲ୍‌କା ପତ୍ର ତିଆରି କରିବେ। ଆଉ ତାକୁ ବାସ୍ତବ ରୂପ ଦେବାକୁ ଯାଇ ସେ ବାଉଁଶ ସହ ଗଛ ଛାଲି ଓ ତନ୍ତୁକୁ ବ୍ୟବହାର କରି ପ୍ରଥମେ କାଗଜ ତିଆରି କଲେ। ଏହାକୁ ସମସ୍ତେ ପସନ୍ଦ କଲେ ଓ ଏହାର ବହୁଳ ବ୍ୟବହାର ହେଲା। କାଗଜର ପ୍ରଥମ ଆବିଷ୍କାର କରିଥିବା ହେତୁ କାଇ ଲୁନ୍‌ଙ୍କୁ କାଗଜର ସନ୍ଥ ବି କୁହାଯାଏ।

**ଭାରତରେ କାଗଜର ଆରମ୍ଭ:**

ଭାରତରେ କାଗଜ ବ୍ୟବହାରର ଇତିହାସ ବହୁ ପୁରାତନ। ସିନ୍ଧୁ ସଭ୍ୟତା ସମୟରୁ କାଗଜର ବ୍ୟବହାର ହେଉଥିବାର ପ୍ରମାଣ ରହିଛି। ଏହାବାଦ ସପ୍ତମ ଶତାବ୍ଦିର ଦ୍ୱିତୀୟ ଭାଗରେ କାଗଜ ବ୍ୟବହାର ହେଉଥିବାର ପ୍ରମାଣ ମିଳିଛି। ତେବେ ଭାରତରେ ୧୪୧୭ –୧୪୬୭ ମସିହା ମଧ ଭାଗରେ ସୁଲତାନ ଜୈନୁଲାଆବିଦ୍ଦିନ କାଶ୍ମୀରରେ କାଗଜ ତିଆରିର ପ୍ରଥମ ଉଦ୍ୟୋଗ ଆରମ୍ଭ କରିଥିଲେ। ଆଧୁନିକ ପଦ୍ଧତିରେ କାରଖାନାରେ କାଗଜ ତିଆରି କଥା ଉଠିଲେ ୧୮୬୭ ମସିହାରେ କଲିକତାର ବାଲିଗଞ୍ଜ ନାମକ ସ୍ଥାନରେ ପ୍ରଥମ କାଗଜ କାରଖାନା 'ରୟାଲ ବେଙ୍ଗଲ ପେପର୍ ମିଲ୍' ସ୍ଥାପିତ ହୋଇଥିଲା। ଆଉ ସମୟକ୍ରମେ ସାରା ଭାରତରେ କାଗଜ କାରଖାନା ସଂଖ୍ୟା ବଢିଲା।





# କ୍ୟୁଆର୍ କୋଡ ଲକେଟ୍

ଖବରକାଗଜରେ ପ୍ରାୟ ସବୁଦିନ ନିରୁଦ୍ଦିଷ୍ଟଙ୍କ ଖବର ଦେଖିବାକୁ ମିଳେ। ପ୍ରାୟତଃ ଛୋଟ ପିଲା, ବୃଦ୍ଧବୃଦ୍ଧା, ମାନସିକ ରୋଗୀମାନେ ହଜି ଥାଆନ୍ତି। ଆଉ ଏଇ ଆଧୁନିକ ଯୁଗରେ ବି ଅନେକ ସମୟରେ ସେମାନଙ୍କୁ ଖୋଜି ବାହାର କରି ହୁଏନା। ଯାହାକି ଅକ୍ଷୟ ରିଡଲାନ୍ ନାମକ ଜଣେ ଯୁବକଙ୍କୁ ବେଶ୍ ବ୍ୟଥିତ କରିଥିଲା। ସେ ନିଜେ ଆଇଟି ପ୍ରଫେଶନ୍‌ରେ ଥିବାରୁ ଏହି ସମସ୍ୟାର ସମାଧାନ ନିଜେ ବାହାର କରିବାକୁ ଅଣ୍ଟା ଭିଡ଼ିଥିଲେ। ଆଉ ପ୍ରୋଜେକ୍ଟ 'ଚେତନା' ଆରମ୍ଭ କରି ତିଆରି କଲେ ଏମିତି ଏକ ଲକେଟ୍ ଯାହାକୁ ପିନ୍ଧିଲେ ହଜିଥିବା ବ୍ୟକ୍ତି ମିଳିବା ସହଜ ହୋଇଯିବ। କାରଣ ଉକ୍ତ ଲକେଟ୍‌ରେ ରହିବ କ୍ୟୁଆର୍ କୋଡ୍। ଯାହାକୁ ସ୍କାନ୍ କଲେ ବ୍ୟକ୍ତିଙ୍କ ମେଡିକାଲ ଇମ୍‌ଫରମେସନ୍, ଏମରଜେନ୍ସି କଣ୍ଟାକ୍ଟ ନମ୍ବର ଓ ଘର ଠିକଣା ମିଳିଯିବ। ଏମିତିକି କେହି ଯଦି ସେହି କ୍ୟୁଆର୍ କୋଡ୍‌କୁ ସ୍କାନ କରନ୍ତି ତେବେ କ୍ୟୁଆର୍ କୋଡ୍‌ରେ ଦିଆଯାଇଥିବା ଏମରଜେନ୍ସି ନମ୍ବରକୁ ନୋଟିଫିକେସନ୍ ଆସିଯିବ। ଯେଉଁମାନେ ଡିମେନ୍ସିଆ, ଅଲଝିମର୍ ଭଳି ରୋଗରେ ଆକ୍ରାନ୍ତ ସେମାନେ ସାଧାରଣତଃ ଅନେକ କଥା ଭୁଲି ଯାଆନ୍ତି। ତେଣୁ ସେମାନଙ୍କ କ୍ଷେତ୍ରରେ ହଜିବା ଆଶଙ୍କା ଅଧିକ। ସେହିଭଳି ଘର ଠିକଣା, କଣ୍ଟାକ୍ଟ ନମ୍ବର ଜାଣି ନ ଥିବା ଛୋଟ ପିଲା, ଅଟିଜମ୍ ପରି ରୋଗରେ ଆକ୍ରାନ୍ତ ପିଲା ବି ହଜିଗଲେ ମିଳିବା କଷ୍ଟ। ଖାସ୍ ଏଇମାନଙ୍କ ପାଇଁ ଉକ୍ତ କ୍ୟୁଆର୍ କୋଡ୍ ଥିବା ଲକେଟ୍ ବହୁତ କାମରେ ଆସିବ। ଉକ୍ତ ଲକେଟ୍ ବେକରେ ଥିଲେ, ହଜିଗଲେ ବି ସେମାନଙ୍କୁ ପାଇବା ସହଜ ହୋଇଯିବ। ଅକ୍ଷୟ ଏହାର ମୂଲ୍ୟ ୨୦୦ ଟଙ୍କା ରଖିଛନ୍ତି। ଅନେକ ଲକେଟ୍‌କୁ ତ ସେ ମାଗଣାରେ ବି ବାଣ୍ଟିଛନ୍ତି।





## କଥା ଚାଟ୍

ଓଁ ଅଭିଜ୍ଞାନ ସାହୁ

# ଆଧ୍ୟାତ୍ମିକ ପ୍ରାଇଭେଟ ଲିମିଟେଡ଼ କମ୍ପାନୀ

ବେଶ୍ କିଛି ବର୍ଷ ହେଲା ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା ଯୋଗୁ ଅନେକ ବଡ଼ ବ୍ୟବସାୟ ପ୍ରତିଷ୍ଠାନର ସ୍ଥିତି ଦୋହଲି ଯାଇଥିବା ବେଳେ କେବଳ ଏହି ଗୋଟିଏ ମାତ୍ର ବ୍ୟବସାୟର ଅଭିବୃଦ୍ଧି ଘଟିଛି । ଏହି ବ୍ୟବସାୟ ହେଲା ଆଧ୍ୟାତ୍ମିକ ବ୍ୟବସାୟ । ଏବେ ଆଧ୍ୟାତ୍ମିକ ବ୍ୟବସାୟର ଡିମାଣ୍ଡ କାହିଁରେ କ'ଣ । ବହୁରାଷ୍ଟ୍ରୀୟ କମ୍ପାନୀ ଭଳି ଏମାନଙ୍କ ଥାଟ ବାଟଠାରୁ ମାର୍କେଟିଂ ଷ୍ଟାଇଲ ସବୁଥିରେ ଆଖିଦୃଶିଆ ନୂଆପଣ । ଲୋକଙ୍କ ମାନସିକ ଅଶାନ୍ତି ଯେତେ ବଢୁଛି ଏମାନଙ୍କ ଗ୍ରାହକ ସେତେ ବୃଦ୍ଧି ପାଉଛି । ଯୁଦ୍ଧ, ବେକାରି ସମସ୍ୟା, ଚାକିରିରେ ଅନିଶ୍ଚିତତା, ମାନସିକ ଅବସାଦ ଭଳି ସମସ୍ୟା ପୃଥିବୀର ସବୁ ଦେଶରେ ମହାମାରୀ ଭଳି ବଢ଼ିଚାଲିଛି । ତେଣୁ ମେରୁଠାରୁ ମରୁଭୂମି ପର୍ଯ୍ୟନ୍ତ ସବୁଠାରେ ଏବେ ଏଭଳି କମ୍ପାନୀଗୁଡ଼ିକ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଛି ।

ଅନ୍ୟ କୌଣସି କାରଣ ପାଇଁ ହେଉ କି ନ ହେଉ କିନ୍ତୁ ଆଧ୍ୟାତ୍ମିକ କମ୍ପାନୀଗୁଡ଼ିକର ସ୍ୱଦେଶୀ ଜ୍ଞାନକୌଶଳର ଅଭିନବ ମାର୍କେଟିଂ ଶୈଳୀ ପାଇଁ ଆମ ଦେଶ ନିଶ୍ଚିତଭାବେ ବିଶ୍ୱଗୁରୁ । ମାଳ ମାଳ ବିଶ୍ୱଗୁରୁଙ୍କ ଦେଶରେ ଆଧ୍ୟାତ୍ମିକ କମ୍ପାନୀଗୁଡ଼ିକ ମାର୍କେଟିଂ ଶୈଳୀ ବିଶ୍ୱରେ ବିରଳ । ଏକ ଗବେଷଣାରୁ ଜଣାପଡ଼ିଛି କଲେଜର ପ୍ରଚଳିତ ମ୍ୟାନେଜମେଣ୍ଟ ପାଠ୍ୟକ୍ରମ ଦ୍ୱାରା ସୃଷ୍ଟି ହେଉଥିବା ପୋଥି ବାଇଗଣମାନଙ୍କ ଅପେକ୍ଷା ଭାରତର ଆଧ୍ୟାତ୍ମିକ କମ୍ପାନୀଗୁଡ଼ିକରେ ଦୀକ୍ଷା ନେଇ ଶିକ୍ଷା ଲାଭ କରୁଥିବା ଛାତ୍ରୀଛାତ୍ରମାନଙ୍କ ବ୍ୟବହାରିକ ଜ୍ଞାନ ବହୁତ ଅଧିକ । ସେଥିପାଇଁ ଏବେ ଅଧିକାଂଶ ବିଦେଶୀ ଛାତ୍ରୀଛାତ୍ର ଭାରତୀୟ ଆଧ୍ୟାତ୍ମିକ କମ୍ପାନୀଗୁଡ଼ିକରେ ଶିକ୍ଷାନବିସ ଭାବେ ଯୋଗ ଦେଉଛନ୍ତି । ସେମାନଙ୍କ ଭିତରୁ ଅନେକେ ଏଠାରୁ ମାର୍କେଟିଂର ସୂକ୍ଷ୍ମ ଉପାୟମାନ ଶିଖିଲା ପରେ ସେମାନଙ୍କ ନିଜ ଦେଶରେ ମୂଳ କମ୍ପାନୀର ବ୍ରାଞ୍ଚ ଖୋଲିଲେଣି ।

କଥାରେ ଅଛି ଭେକ ଦେଖି ଭିକ । ଆଉ ସେ ମନ୍ଦିର ପ୍ରାଙ୍ଗଣ ଚଉତରା ନାହିଁ କି ବାଉଁଶ ଓ ଦାଗଲଗା ଅସନା କନାର ଟେଣ୍ଟ ନାହିଁ । ତା' ଜାଗାରେ ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ ଗୃହ, ଲେଡି ରିସେପ୍ସନିଷ୍ଟ, ସୁଦୃଶ୍ୟ ଅଫିସ, ଗ୍ରାହକଙ୍କ ସୁବିଧା ପାଇଁ ହୋଟେଲ ଲଜିଂ ସ୍ୱିସ କଟେଜ ଭଳି ଅତ୍ୟାଧୁନିକ ପଞ୍ଚତାରକା ବ୍ୟବସ୍ଥା । ଗ୍ରାହକ ନିଜ ସାମର୍ଥ୍ୟ ଦେଖି ବ୍ୟବସ୍ଥାର ଆନନ୍ଦ ନେଇପାରିବେ । ଆଗ ଭଳି ଅନ୍ତଲ ପେଟ, ଚନ୍ଦନ ଲେପା ଖାଲି ଦେହ, ଚନ୍ଦା ମୁଣ୍ଡିଆ ବୃଦ୍ଧ ବାବାଙ୍କ ଜାଗାରେ ଏବେ ହିରୋ ମାର୍କା ଯୁସ୍ ଆଧ୍ୟାତ୍ମିକ ସିଇଓ ଆସିଲେଣି । ବଡ଼ କମ୍ପାନୀ ଭଳି ସବୁ ଜିଲାରେ ଏମାନଙ୍କ ଏଜେଣ୍ଟ ନିଯୁକ୍ତ ହୋଇଛନ୍ତି । ଗ୍ରାହକଙ୍କୁ ନିଜ କମ୍ପାନୀ ପ୍ରତି ଆକୃଷ୍ଟ କରିବା ପାଇଁ ଏ ଏଜେଣ୍ଟମାନଙ୍କ କଥାରେ ବାଟୁଳି ବାଜେନି । ଗୋଟେ ନାମୀ କମ୍ପାନୀର ଏଜେଣ୍ଟ ଥରେ ମୋତେ କହିଲେ ଭାଇ ତୁମେ ଆମ କମ୍ପାନୀର ସିମେଣ୍ଟ ଗାଈ କ୍ଷୀର ପ୍ରତିଦିନ ଗିଲାସେ ପିଅ ଦେଖିବ ଅଳ୍ପଦିନ ଭିତରେ ଅଗା ବଗା ଖଗାରୁ ସିଧା ପ୍ରତିଷ୍ଠିତ ସାହିତ୍ୟିକ ହୋଇଯିବ ।

ପ୍ରତିଯୋଗିତାମୂଳକ ଦୁନିଆରେ ବହୁରାଷ୍ଟ୍ରୀୟ ଆଧ୍ୟାତ୍ମିକ କମ୍ପାନୀର ସିଇଓମାନଙ୍କ କାର୍ଯ୍ୟ ଶୈଳୀ ବି ବିଚିତ୍ର । ଏବେ ଗୋଟେ ନୂଆ କମ୍ପାନୀ ମାର୍କେଟକୁ ଆସିଛି । ଏହାର ଏଜେଣ୍ଟଙ୍କ ସହ ଥରେ ଦେଖା ହେଲା । ସେ କହିଲେ ତାଙ୍କ କମ୍ପାନୀ ମୁଖ୍ୟ କାଳେ ଖୋଦ ହନୁମାନଙ୍କ ସହ କଥା ହେଉଛନ୍ତି । ଲୋକ ତାଙ୍କ ନିଜ ସମସ୍ୟା କହିବା ପୂର୍ବରୁ ସେ ହନୁମାନଙ୍କୁ ପଚାରି କାଗଜରେ ଲେଖିଦେଉଛନ୍ତି । ତାଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ । ସତରେ କ'ଣ ଏହା ସମ୍ଭବ । ଶୁଣିଥିଲି ହନୁମାନ ରାମଙ୍କ ପରମ ଭକ୍ତ ଥିଲେ । ହେଲେ ତାଙ୍କର ଲେଖା ଲେଖିରେ ଆଗ୍ରହ ଥିବା ଜାଣି ନ ଥିଲି । ମୋ କଥା ଶୁଣି କମ୍ପାନୀର ମାର୍କେଟିଂ ଏଜେଣ୍ଟ କହିଲେ ଖୋଦ ସାରଳା ଦାସ ପରା କହିଛନ୍ତି ମା' ସରସ୍ୱତୀ ତାଙ୍କ କଣ୍ଠରେ ବସି ମହାଭାରତ ଲେଖେଇଦେଲେ । ତେଣୁ ଯଦି ସ୍ୱୟଂ ହନୁମାନ ଆମ ସିଇଓଙ୍କ ଦେହରେ ବିଜେ କରି ଲେଖିଦେଉଛନ୍ତି ତେବେ ଏତେ ଅବିଶ୍ୱାସ କ'ଣ ପାଇଁ । ଯଦି ସାରଳା ଦାସଙ୍କୁ ପ୍ରଶ୍ନ କରିନ ତେବେ ଆମକୁ ପ୍ରଶ୍ନ କରିବା ନିଶ୍ଚିତଭାବେ ଅନ୍ୟାୟ । ଉତ୍ସୁକତାବଶତଃ ମୋର କିଛି ସମସ୍ୟା ନେଇ ସେହି ସିଇଓଙ୍କ ପାଖକୁ ଯାଇଥିଲି । ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅଫିସର ପାନୀୟଠାରୁ ପରିସ୍ରାଗାର ପର୍ଯ୍ୟନ୍ତ ସବୁଥିରେ ଆଭିଜାତ୍ୟର ଛାପ । କେବଳ ନିଃଶ୍ୱାସ ନେବାକୁ ଛାଡ଼ିଦେଲେ ବାକି ସବୁ ପାଇଁ ମୂଲ୍ୟଦେବାକୁ ହେବ । ସମସ୍ତଙ୍କ ଗୋଚରାର୍ଥେ ଏକ ଦୀର୍ଘ ମୂଲ୍ୟସୂଚୀ ଫଳକ ଲଗାଯାଇଛି । ଜଣେ ଅଧିକାରୀ ମୋତେ ପ୍ରତୀକ୍ଷାଳୟକୁ ବାଟ କଢ଼େଇ ନେଲେ । ପ୍ରତୀକ୍ଷାଳୟରେ ବସିଥିଲା ବେଳେ ପାଖରେ ବସିଥିବା ଆଉ ଜଣେ ଗ୍ରାହକ ମୋ ସହ ଆତ୍ମୀୟତା ବଢ଼େଇ ମୁଁ କେଉଁଠୁ ଆସିଛି, କ'ଣ ସମସ୍ୟା ଅଛି




ଇତ୍ୟାଦି ମୋ ବିଷୟରେ କଥା ଛଳରେ ସବୁ ବୁଝୁଥାନ୍ତି । ସେ ନିଜେ ମଧ୍ୟ କେତେ ଅସୁବିଧାରେ ପଡ଼ି ଏଇ କମ୍ପାନୀର ଦ୍ୱାରସ୍ଥ ହୋଇଥିଲେ ଓ ଆଜି କମ୍ପାନୀ ଦୟାରୁ ଖୁସିରେ ଅଛନ୍ତି ବୋଲି କହିଲେ । ଅନେକ ସମୟ ଅପେକ୍ଷା କଲା ପରେ ଭିତରୁ ଡାକରା ଆସିଲା । ମୋତେ ଦେଖି ସିଇଓ କହିଲେ ମୁଁ ଜାଣିଛି ଆପଣ ଜଣେ ସାହିତ୍ୟିକ । ଆପଣଙ୍କ ସମସ୍ୟା ବିଷୟରେ ମୁଁ ଅବଗତ । ତାଙ୍କ କଥା ଶୁଣି ମୁଁ ଆଶ୍ଚର୍ଯ୍ୟ । ଏ ତ ସାକ୍ଷାତ ତ୍ରିକାଳଦର୍ଶୀ । ତା' ପରେ ସେ ଶୂନ୍ୟକୁ ଅନେଇ କାହା ସହ କଥାହେଲେ । ହଠାତ ଶୂନ୍ୟରୁ କିଛି ହାତମୁଠାରେ ଝାମ୍ପିନେଇ କାନ ପାଖରେ ରଖି ଶୁଣିବାର ଅଭିନୟ କଲେ । ତାପରେ କାଗଜରେ ଲେଖି ମୋତେ ଦେଖେଇ କହିଲେ ପଢ଼ନ୍ତୁ ଆପଣଙ୍କ ସବୁ ସମସ୍ୟା ବିଷୟରେ ଏଠି ଲେଖାଅଛି । ମୁଁ କାଗଜକୁ ଦେଖିଲି । ଆବୁରୁ ଜାବୁରୁ କରି କିଛି ଗାର ପଡିଛି । ଆମର ଡାକ୍ତରଙ୍କ ପ୍ରେସକ୍ରିପ୍ସନ ଭଳି । ଯାହାକୁ କେବଳ ଔଷଧ ଦୋକାନୀ ହିଁ ବୁଝନ୍ତି । ମୁଁ କହିଲି ନା ଆଜ୍ଞା କିଛି ପଢ଼ିପାରୁନି । ସିଇଓ ହସିଲେ ଓ କହିଲେ ଏହା ଖୋଦ ହନୁମାନ ଦେବଲିପିରେ ଲେଖିଛନ୍ତି । ଆପଣ ସାଧାରଣ ଚର୍ମଚକ୍ଷୁରେ ଏହାକୁ ପଢ଼ି ପାରିବେ ନାହିଁ । ତାପରେ ସିଇଓ ନିଜେ ପଢ଼ି ଶୁଣେଇଲେ । ଆପଣଙ୍କ ସମସ୍ୟା ହେଲା ଆପଣ ଅନେକ ବର୍ଷ ଧରି ସାହିତ୍ୟ ରଚନା କରୁଥିଲେ ବି ଏଯାଏଁ ଆପଣଙ୍କୁ ଜଣେ ସାହିତ୍ୟିକର ମାନ୍ୟତା ମିଳିଲା ନାହିଁ । ସାହିତ୍ୟ ତଥା ସାହିତ୍ୟିକ ଓ ସାହିତ୍ୟିକାମାନଙ୍କ ମେଳରେ ଆପଣଙ୍କ ଅତ୍ୟଧିକ ସମୟ ଅପଚୟ ହେତୁ ପାରିବାରିକ ଅଶାନ୍ତି ଓ ଦାମ୍ପତ୍ୟ କଳହ ହେଉଛି । ମୁଁ କହିଲି ଆଜ୍ଞା ହନୁମାନ ତ ସ୍ୱୟଂ ଅନ୍ତର୍ଯ୍ୟାମୀ, ଏହାର ସମାଧାନର ଉପାୟ କୁହନ୍ତୁ । ସିଇଓ ପୁଣିଥରେ ଆଖିବୁଜିଲେ, ତାପରେ ହାତମୁଠାକୁ କାନ ପାଖରେ ରଖି ଶୁଣିବା ଅଭିନୟ କଲେ ଓ କାଗଜରେ କିଛି ଗାରେଇଦେଲେ । ମୋତେ କହିଲେ ହନୁମାନଜୀ କହୁଛନ୍ତି ସାହିତ୍ୟରେ ଆପଣଙ୍କ ଭବିଷ୍ୟତ ଅନ୍ଧାର । ଆପଣ ସାହିତ୍ୟ ଚାଷ ଛାଡି ଟମାଟୋ ଓ ପିଆଜ ଚାଷ କରନ୍ତୁ ଏଥିରେ ପରିବାରରେ ଖୁସି ଓ ଦାମ୍ପତ୍ୟରେ ପ୍ରେମ ବଢ଼ିବ । ମୁଁ ଆଉ କିଛି ପଚାରିବାକୁ ଚାହୁଁଥିଲି ହେଲେ ପାଖରେ ଥିବା କମ୍ପାନୀ ସହକାରୀ ଜଣଙ୍କ ବାରଣ କଲେ । କହିଲେ ଆପଣ ଯେତିକି ଟଙ୍କାର ରିଚାର୍ଜ କରିଥିଲେ ସେତିକିର ଟକ୍ ଟାଇମ ସରିଗଲା । ଆଉ ଥରେ କଥା ହେବା ପାଇଁ ପୁଣିଥରେ ରିଚାର୍ଜ କରିବାକୁ ପଡ଼ିବ ।

କମ୍ପାନୀର ବହୁ ପ୍ରଶିକ୍ଷିତ ଏଜେଣ୍ଟ ଶୁଙ୍ଘିକି କହିଦେବେ କେଉଁଲୋକ ତାଙ୍କ ନୂଆ ଶିକାର ହେବ । ଗ୍ରାହକ ଯୋଗାଡ଼ ପାଇଁ ସେମାନେ ପ୍ରତିଦିନ ନୂଆ ନୂଆ ଆଶାୟୀ ଗ୍ରାହକଙ୍କ ସନ୍ଧାନରେ ଥାଆନ୍ତି । ମୁଁ ସାହିତ୍ୟକୁ ନେଇ ଦେଖୁଥିବା ଦିବାସ୍ୱପ୍ନକୁ ସାକାର କରିବା ପାଇଁ ଅନେକ କମ୍ପାନୀର ଏଜେଣ୍ଟଙ୍କ ହାବୁଡ଼ରେ ପଡିଛି । ଏମିତି ଥରେ ଗୋଟେ କମ୍ପାନୀର ସିଏମଡିଙ୍କ ସହ ସାକ୍ଷାତ କରିବାର ସୁଯୋଗ ପାଇଲି । ସିଏମଡି ପଚାରିଲେ ତୁମେ କି ପ୍ରକାର ସାହିତ୍ୟ ରଚନା କରୁଛ ? ମୁଁ କହିଲି ବ୍ୟଙ୍ଗ ସାହିତ୍ୟ । ସିଏମ୍ଡି କହିଲେ ତୁମ କୃପା ସେଇଠି ଅଟକିଛି । ହୃଦୟ ବିଦାରି ହେଲାଭଳି କାନ୍ଦୁରା ସାହିତ୍ୟ ଲେଖ । ପାଠକ ଛାତି ଭିତରେ କୋହ ଜମିଯିବା ଭଳି ପ୍ରେମ, ପ୍ରଣୟ, ପ୍ରତାରଣା ଓ ବିରହର କବିତା ଲେଖ ମା'ଙ୍କ କୃପା ବର୍ଷିବ ।

ସମ୍ମାନପତ୍ର ବାଣ୍ଟୁଥିବା ଅନୁଷ୍ଠାନ, ତୁଙ୍ଗ ସମ୍ପାଦକଗଣ ତଥା ବିଦଗ୍ଧ ପାଠକମାନଙ୍କ ବୈମାତୃକ ଭାବରେ ଅତିଷ୍ଠ ହୋଇ ମୁଁ ଏବେ ସାହିତ୍ୟ ଫାଇଦ୍ୟ ଉପରୁ ଆଶା ଛାଡ଼ିଦେଇଛି । ନିକଟରେ ଗୋଟେ ନାମୀ ବହୁରାଷ୍ଟ୍ରୀୟ ଆଧ୍ୟାତ୍ମିକ କମ୍ପାନୀର ଏଜେନ୍ସି ନେଇଛି । ଖୁବଶୀଘ୍ର ଯୋଗାଯୋଗ ସୁବିଧା ଓ ଭଲ ମୋବାଇଲ ନେଟୱର୍କ ଥିବା ନିରୋଳା ଜାଗାରେ ଆଶ୍ରମ ଖୋଲିବି । ସେଠାରେ ବିଳାସବ୍ୟସନର ସମସ୍ତ ସୁବିଧା ରହିବ । କେବଳ ଇଂଲିଶ ସ୍ପିକିଙ୍ଗ ଓ ହିନ୍ଦୀ ମୈ ବାତ୍ କରୁଥିବା ଓ ହ୍ୱାଟ୍ସଆପ ବିଶ୍ୱବିଦ୍ୟାଳୟରୁ ସ୍ନାତକ କରିଥିବା ସୁନ୍ଦରୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଚାକିରି ଦିଆଯିବ । ନାଚଗୀତ ମାଧ୍ୟମରେ ବୋଧିତ୍ୱ ପ୍ରାପ୍ତିର ଶିକ୍ଷାଦେବା ସହ କମ୍ପାନୀ ଚିହ୍ନ ଥାଇ ଲକେଟ, ଡ୍ରେସ କ୍ୟାଲେଣ୍ଡର ଧୂପକାଠି ଇତ୍ୟାଦିର କୁଟୀରଶିଳ୍ପ ଖୋଲାଯିବାର ଯୋଜନା ରହିଛି । ଫେସ୍‌ବୁକ, ହ୍ୱାଟ୍ସଆପ ଇନ୍‌ଷ୍ଟାଗ୍ରାମରେ ମୋ ବିଜ୍ଞାପନକୁ ଯେଉଁମାନେ ଲାଇକ ଶେୟାର କରିବେ ସେମାନଙ୍କୁ ଦଶ ପରସେଣ୍ଟ ରିହାତି ଅଫର ଦେବି ।

ଆମ ଭାଷା ସାହିତ୍ୟର ଉନ୍ନତି ପାଇଁ ଅନେକ ଶ୍ରମ ଓ ସମୟ ନଷ୍ଟ କରିସାରିଲିଣି । ଯେତେଭଲ କଥା କହିଲେ ବି ଆମ ସାହିତ୍ୟିକମାନେ ମୋ ଉପଦେଶକୁ ଗ୍ରହଣ କରୁନାହାନ୍ତି । ତେଣୁ ଆଗକୁ କେବଳ ଆଧ୍ୟାତ୍ମିକ କାର୍ଯ୍ୟରେ ମନୋନିବେଶ କରିବା ସହ ବିଶ୍ୱବାସୀଙ୍କୁ ସହଜ, ସରଳ ଓ ସୁଗମ ମୋକ୍ଷପ୍ରାପ୍ତି ପାଇଁ ପ୍ରବଚନ ଦେବି ।


*-ବନମାଳୀ ଭବନ, ଖାନନଗର, କଟକ*
*ମୋ: ୯୪୩୭୦୧୦୭୫୮*

## ପୁସ୍ତକ ସମୀକ୍ଷା

### ଚଉପଦିକାର ଉପେନ୍ଦ୍ର

**ସମ୍ପାଦନା-ଡକ୍ଟର ଲମ୍ବୋଦର ପାଣିଗ୍ରାହୀ**
**ପ୍ରକାଶକ-ସର୍ଜନା, ପାଣିଗ୍ରାହୀ ସାହି, ଗୋସାଇଁ ନୂଆଗାଁ**
**ବ୍ରହ୍ମପୁର(ଗଞ୍ଜାମ)-୩, ମୂଲ୍ୟ-୧୨୦ଟଙ୍କା**

'ଚଉପଦିକାର ଉପେନ୍ଦ୍ର' ଭଞ୍ଜଙ୍କ ଉପରେ ଆଲୋଚ୍ୟ ପୁସ୍ତକ । ଏଥିରେ ପ୍ରେକ୍ଷାପଟ ଓ ବକ୍ଷମାଣ ୨ଟି ବିଷୟରେ ଆଲୋଚନା କରାଯାଇଛି । ଚାରିପଦ ବିଶିଷ୍ଟ ଚଉପଦିର ପ୍ରତ୍ୟେକ ପଦ ସ୍ୱତନ୍ତ୍ର ଅଙ୍ଗ ଭାବେ ଗ୍ରହଣ କରାଯାଇଛି । ଓଡ଼ିଆ ଚଉପଦିକୁ ମୁଖ୍ୟତଃ ଅଲୌକିକ ଲୀଳାତ୍ମକ ଓ ଲୌକିକ ପ୍ରେମମୂଳକ ଦୁଇଟି ଶୀର୍ଷକରେ ବିଭକ୍ତ କରାଯାଇଥାଏ । ଅଲୌକିକ ଲୀଳାତ୍ମକ ବିଭାଗରେ ମନଃଶିକ୍ଷାମୂଳକ କେତେକ ସୃଷ୍ଟିକୁ ବାଦ ଦେଲେ ଅଧିକାଂଶ ଚଉପଦିରେ ରାଧାକୃଷ୍ଣ ଓ ଗୋପୀକୃଷ୍ଣଙ୍କ ଅପ୍ରାକୃତ ପ୍ରେମ ପ୍ରସଙ୍ଗ ବହୁଳ ଭାବେ ବର୍ଣ୍ଣିତ ହୋଇଛି । ରାଧାକୃଷ୍ଣ ଲୀଳାତ୍ମକ ଚଉପଦିରେ ପ୍ରେମ ବୈଚିତ୍ର୍ୟର ତୀବ୍ରତା ଅନୁଭବ ହୁଏ । ପୁସ୍ତକଟି ଆଦୃତି ଲାଭ କରିବ ବୋଲି ଆଶା ।




### ଜିଜ୍ଞାସାର ସ୍ୱର

**ଡକ୍ଟର ଗିରୀଶ ଚନ୍ଦ୍ର ସାହୁ, ବିଦ୍ୟାପୁରୀ,**
**ବାଲୁବଜାର, କଟକ-୨, ମୂଲ୍ୟ-୧୮୦ଟଙ୍କା**

ପୁସ୍ତକଟିରେ ୧୪ଟି ବିଷୟରେ ଚମତ୍କାର ଭାବେ ଆଲୋଚନା କରାଯାଇଛି । ଏହା ଲେଖକଙ୍କର ପ୍ରଥମ ସମାଲୋଚନା ଗ୍ରନ୍ଥ । ଏଥିରେ ସ୍ଥାନୀତ ପ୍ରବନ୍ଧ ମଧ୍ୟରୁ ୧୨ଟି କଥା ସାହିତ୍ୟ ଆଧାରିତ । ଯେଉଁଥିରେ ଓଡିଶାର ପ୍ରଥିତଯଶା କଥାକାରଙ୍କ କଥାସୃଷ୍ଟି ଏବଂ ମନନଶୀଳ ଦୃଷ୍ଟି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି । ଆଲୋଚନାରେ ଆଲୋଚକଙ୍କ ସୂକ୍ଷ୍ମ ବିଚାରବୋଧ, ମୌଳିକ ଦୃଷ୍ଟିଭଙ୍ଗୀ, ତୁଳନାତ୍ମକ ଆକଳନ ଓ ସର୍ବୋପରି ନୂତନ ଜିଜ୍ଞାସାର ସ୍ୱର ସର୍ବତ୍ର ଅନୁରଣିତ । ଏଥିରେ ଯେଉଁ ସ୍ରଷ୍ଟାମାନଙ୍କ ବିଷୟରେ ଆଲୋଚନା କରାଯାଇଛି ତାହା ଉଚ୍ଚକୋଟିର ଓ ଏହା ଗଳ୍ପ ଇତିହାସ ଉପରେ ଏକ ଚମତ୍କାର ଆଲୋଚନା ପୁସ୍ତକ ।




### ଆମ ସଂସ୍କୃତି ଆମ ଜୀବନ


**ପ୍ରଫେସର ଶରତ ଚନ୍ଦ୍ର ରଥ, ପ୍ରକାଶକ- ବ୍ଲାକ ଇଗଲ ବୁକ୍ସ**
**ଡବ୍ଲିନ୍, ୟୁଏସ୍ଏ, ମୂଲ୍ୟ-୩୫୦ଟଙ୍କା**

'ଆମ ସଂସ୍କୃତି ଆମ ଜୀବନ' ପ୍ରଫେସର ଶରତ ଚନ୍ଦ୍ର ରଥଙ୍କ ପ୍ରବନ୍ଧ ପୁସ୍ତକ । ଏଥିରେ ୫୫ଟି ପ୍ରବନ୍ଧ ସ୍ଥାନ ପାଇଛି । ଯାହା ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ । ଆମ ସଂସ୍କୃତି ଏକାଧାରରେ ନୈତିକତା, ଧାର୍ମିକତା ଓ ଆଧ୍ୟାତ୍ମିକତାର ପରିପ୍ରକାଶ । ଫୁଲର ସୁବାସ ପବନରେ ମିଶି ସୁବାସିତ କଲାପରି ଆମ ସଂସ୍କୃତିର ସୁରଭି ଜୀବନରେ ମିଶି ଜୀବନକୁ ସୁରଭିତ କରୁଛି । ଦେଶ ଭେଦରେ ଏହାର ପରିପ୍ରକାଶ ଭିନ୍ନ ଭିନ୍ନ ହୋଇଥାଏ । ବୈଦେଶିକ ଆକ୍ରମଣ ଓ ବିଦେଶୀ ଶାସନ ଫଳରେ ଗୋଟିଏ ଦେଶର ସଂସ୍କୃତି ଉପରେ ଅନ୍ୟଦେଶ ଓ ଜାତିର ସାଂସ୍କୃତିକ ପ୍ରଭାବ ଅନୁଭୂତ ହୁଏ । ତେଣୁ ପ୍ରଫେସର ରଥ ପୁସ୍ତକରେ ଯେଉଁ ଚିନ୍ତା ଉଦ୍ରେକକାରୀ ପ୍ରବନ୍ଧ ଲେଖିଛନ୍ତି ତାହା ବାସ୍ତବରେ ମୂଲ୍ୟବୋଧ ଭିତ୍ତିକ ।



# ଗୁର୍‌ଗାଓଁର ଆଲ୍ଲାଦୀନ

ଆରବୀୟନ୍ ନାଇଟ୍ସର ଆଲ୍ଲାଦୀନ ଚରିତ୍ର କାହାକୁ ବା ଭଲ ନ ଲାଗେ। ଏଇ କାହାଣୀ ପୁରୁଣା ହେଲେ ମଧ୍ୟ ଏବେ ବି ଏହା ସମସ୍ତଙ୍କ ହୃଦୟରେ ଘର କରି ରହିଛି। ଭାବିଲେ ଯଦି କାହାଣୀ ପୃଷ୍ଠାରୁ ସତରେ ଆଲ୍ଲାଦୀନ ଚରିତ୍ର ବାହାରି ଆସି ସାମ୍ନାରେ ଠିଆ ହୋଇଯାଏ ତେବେ କେମିତି ଲାଗିବ? ସେମିତି ସ୍ଥିତି ଗୁର୍‌ଗାଓଁ ରେ ଉପୁଜିଥିଲା। ରାସ୍ତାଘାଟ, ଗଳି କନ୍ଦିରେ ଆଲ୍ଲାଦୀନଙ୍କୁ ଦେଖିବାକୁ ମିଳିଥିଲା। ସେପୁଣି ତା'ର ଯାଦୁ କାଲିନ୍ ଉପରେ ଠିଆ ହୋଇ ଉଡିବା ଅବସ୍ଥାରେ। ଲୋକେ ସତସତିକା ଆଲ୍ଲାଦୀନ ଓ ଯାଦୁର କାଲିନ୍ ଦେଖି ଚକିତ ହୋଇ ଯାଇଥିଲେ। ତେବେ ପ୍ରକୃତ କଥା ହେଉଛି କେଭିନ୍ କୌଲ୍ ନାମକ ଜଣେ କଣ୍ଟେଣ୍ଟ କ୍ରିଏଟର୍ ଆଲ୍ଲଦୀନ ପରି ପୋଷାକ ପିନ୍ଧି ଏକ ସ୍କେଟ୍‌ବୋର୍ଡକୁ ଯାଦୁ କାଲିନ୍‌ର ରୂପ ଦେଇ ରାସ୍ତାଘାଟ, ଗଳି କନ୍ଦି ବୁଲୁଥିଲେ। ଲୋକେ ତାଙ୍କୁ ଦେଖି ବେଶ୍ ଖୁସି ହେବା ସହ ଅନେକେ ଚକିତ ବି ହେଉଥିଲେ। କେଭିନ୍  ଲୋକଙ୍କ ସହ ହାତ ମିଳାଉଥିଲେ। ଲୋକେ ଏତେ ଖୁସି ହେଉଥିଲେ ସତେ ଯେମିତି ସେମାନେ କାହାଣୀର ଚରିତ୍ରକୁ ବାସ୍ତବରେ ଦେଖୁଛନ୍ତି। କେଭିନ୍ କୁହନ୍ତି, 'ଛୋଟବେଳୁ ମତେ ଫାଣ୍ଟାସି ମୁଭି ଦେଖିବାକୁ ଭଲ ଲାଗୁଥିଲା। ଆଲ୍ଲାଦୀନ ତ ମୋର ସବୁଠୁ ପ୍ରିୟ ଚରିତ୍ର। ତେଣୁ ମୋ ପିଲାଦିନର ସେଇ କାଳ୍ପନିକ ଚରିତ୍ରକୁ ନିଜେ ଜିଇଁବା ଲାଗି ଏଭଳି ଉପାୟ ଆପଣେଇଥିଲି।'






ବ୍ୟାକ୍ ପେଜ୍

# ଢେଙ୍ଗା ଗାଈ

ଭାରି ଉପକାରୀ ପ୍ରାଣୀ ହେଉଛି ଗାଈ। କହିବାକୁଗଲେ ମଣିଷର ବନ୍ଧୁ ସିଏ। ଖାଲି ଭାରତ ନୁହେଁ ସାରା ପୃଥିବୀରେ ଗାଈ ଦେଖିବାକୁ ମିଳନ୍ତି। ସେପୁଣି ବିଭିନ୍ନ ପ୍ରଜାତିର ଅଛନ୍ତି। ତେବେ ଇଲିନଏଜ୍, ଅରେଞ୍ଜିଭିଲ୍ଲେର ଏକ ଫାର୍ମର 'ବ୍ଲୋଜମ୍' ନାମକ ହୋଲଷ୍ଟିନ୍ ଗାଈର କଥା ଟିକେ ନିଆରା। ବ୍ଲୋଜମ୍ ଯେତେବେଳେ ମାତ୍ର ଆଠ ସପ୍ତାହର ହୋଇଥିଲା ତା'ର ମାଲିକ ପ୍ୟାଟି ମିଜ୍ସ ହାନସନ୍ ତାକୁ ନିଜ ଫାର୍ମକୁ ଆଣିଥିଲେ। ସେ ଯେତେଯେତେ ବଡ଼ ହେବାକୁ ଲାଗିଲା ତା' ଶରୀରର ଉଚ୍ଚତା ଅସ୍ୱାଭାବିକ ଭାବେ ବଢିବାକୁ ଲାଗିଲା। ଆଉ ଶେଷରେ ସେ ୬ ଫୁଟ ୪ ଇଞ୍ଚ ଉଚ୍ଚତାର ହେଲା। ଫଳରେ ଉକ୍ତ ଗାଈ ପୃଥିବୀର ସବୁଠାରୁ ଉଚ୍ଚା ଗାଈଭାବେ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ସ୍ଥାନ ପାଇଲା। ତେବେ କିଛି ବର୍ଷ ପରେ ଗୋଡରେ ଆଘାତ ଲାଗି ବ୍ଲୋଜମ୍‌ର ମୃତ୍ୟୁ ହେଇଗଲା। କିନ୍ତୁ ତା'ର ରେକର୍ଡ ଏପର୍ଯ୍ୟନ୍ତ କେହି କାଟି ପାରି ନାହାନ୍ତି।





# ସ୍ପ୍ରେ ଗନ୍ ଥିବା ଝିଟିପିଟି

ଆତ୍ମରକ୍ଷା ପାଇଁ ମହିଳାମାନେ ଅନେକ ସମୟରେ ପାଖରେ ପେପର୍ ସ୍ପ୍ରେ ରଖନ୍ତି। ତେବେ ପ୍ରକୃତି ବି କିଛି ପ୍ରାଣୀଙ୍କ ଶରୀରରେ ଖଞ୍ଜି ଦେଇଛି ଏମିତି କିଛି ବ୍ୟବସ୍ଥା ଯାହା ତାଙ୍କୁ ଅସୁବିଧା ସମୟରେ ବହୁତ ସାହାଯ୍ୟ କରିଥାଏ। ଏଇ ଯେମିତି ଗୋଲ୍ଡେନ ଟେଲ୍ଡ ଗେକୋ ବା ସୁନେଲୀ ଲାଞ୍ଜ ଥିବା ଝିଟିପିଟି। ଏହାର ଶରୀରରେ ଏକ ସ୍ୱତନ୍ତ୍ର ଧରଣର ଡିଫେନ୍ସ ସିଷ୍ଟମ ଥାଏ। ଆଉ ବିପଦ ଆସିଲେ ଶିକାରୀକୁ  ରୋକିବା ଓ ନିଜକୁ ବଞ୍ଚାଇବା ଲାଗି ସେ ଏହାର ବ୍ୟବହାର କରେ। ସେହି ଡିଫେନ୍ସ ସିଷ୍ଟମ୍ ହେଉଛି ତାର ଲାଞ୍ଜ। କଥା କ'ଣକି ଏହି ଝିଟିପିଟିର ଲାଞ୍ଜ ଏକ ସ୍ପ୍ରେ ଗନ୍ ପରି। ଯାହା ସାହାଯ୍ୟରେ ସେ ଆକ୍ରମଣକାରୀଙ୍କ ଉପରେ ଏକପ୍ରକାରର ତରଳ ପଦାର୍ଥ ସ୍ପ୍ରେ କରେ। ଏହି ତରଳ ପଦାର୍ଥ ବିଷାକ୍ତ ନ ହେଲେ ବି ଭାରି ଅଠାଳିଆ ଓ ଦୁର୍ଗନ୍ଧଯୁକ୍ତ ହୋଇଥାଏ। ଫଳରେ ଶିକାରୀ ଝିଟିପିଟିଠାରୁ ଦୂରେଇଯାଏ।